ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.144 Bhubaneswar Friday July 22 2022 | ୨୫ତମ ବର୍ଷ ସଂଖ୍ୟା-୧୪୪ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

# ଦ୍ରୌପଦୀ ମୁର୍ମୁ ହେଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୭(ପି.ଏନ): ପ୍ରଥମ ଓଡ଼ିଆ ଝିଅ ଭାବେ ଦ୍ରୌପଦୀ ମୁର୍ମୁ ରଚିଛନ୍ତି ଇତିହାସ। ବିପୁଳ ଭୋଟରେ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି ଦ୍ରୌପଦୀ ମୁର୍ମୁ। ସେ ତାଙ୍କ ନିକଟତମ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଏକତରଫା ଭାବେ ପରାସ୍ତ କରିଛନ୍ତି। ଆସନ୍ତା ୨୫ ତାରିଖରେ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁ ଶପଥ ଗ୍ରହଣ କରିବେ। ପ୍ରଥମ ଓଡିଆ ଆଦିବାସୀ ମହିଳା, ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ସହ ସର୍ବକନିଷ୍ଠ ରାଷ୍ଟ୍ରପତି ଭାବେ ରେକର୍ଡ କରିଛନ୍ତି ଦ୍ରୌପଦୀ ମୁର୍ମୁ। ମାତ୍ର ୬୩ ବର୍ଷ ବୟସରେ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଶ୍ରୀମତୀ ମୁର୍ମୁ। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଦ୍ରୌପଦୀଙ୍କ ବାସଭବନ ଯାଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋଭିନ୍ଦ ମଧ୍ୟ ଟୁଇଟ୍ କରି ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅପରପକ୍ଷରେ ଦ୍ରୌପଦୀଙ୍କ ବିଜୟ ପରେ ସାରା ଦେଶରେ ବିଜୟ ଉତ୍ସବ ପାଳନ କରାଯାଉଛି। ଦେଶର ରାଜଧାନୀ ଦିଲ୍ଲୀ ଠାରୁ ଆରମ୍ଭ କରି ରାଜ୍ୟ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁଠି ଉତ୍ସବର ମାହୋଲ। ଦ୍ରୌପଦୀଙ୍କ ଗ୍ରାମ ରାଇରଙ୍ଗପୁରରେ ମଧ୍ୟ ବାଜା, ବାଣ ନାଚଗୀତ ସହ ମିଠା ଓ ଭୋଜିର ଆସର ଦେଖିବାକୁ ମିଳିଛି। ରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ୧୮ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ମୋଟ ୪ଟି ରାଉଣ୍ଡର ମଧ୍ୟରୁ ଏଯାଏ ୩ଟି ରାଉଣ୍ଡର ଭୋଟ ଗଣତି ସରିଛି। ଗୋଟିଏ ରାଉଣ୍ଡ ଅର୍ଥାତ ୧୦ଟି ରାଜ୍ୟର ଭୋଟ ଗଣତି ବାକିଥିବା ବେଳେ ଦ୍ରୌପଦୀ ମୁର୍ମୁଙ୍କ ସପକ୍ଷରେ ଭୋଟର ମୂଲ୍ୟ ୫୦% ଅତିକ୍ରମ କରି ଯାଇଛି। କେବଳ ଔପଚାରିକ ଭାବେ ନାଙ୍କ ନାମ ଘୋଷଣା କରାଯିବ। ପୂର୍ବରୁ ଦୁଇ ରାଉଣ୍ଡ ଗଣତି ସୁଦ୍ଧା ଦ୍ରୌପଦୀ ମୁର୍ମୁଙ୍କ ଭୋଟ ମୂଲ୍ୟ ୪,୮୩,୨୯୯ ରହିଥିଲା। ତୃତୀୟ ରାଉଣ୍ଡରେ ଆଉ ୧୦ ରାଜ୍ୟର ବିଧାୟକଙ୍କ ଭୋଟ ଗଣତି କରାଯାଇଥିଲା। ଏହି ରାଉଣ୍ଡରେ କର୍ଣ୍ଣାଟକା, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା ଓ ପଞ୍ଜାବର ବିଧାୟକଙ୍କ ଭୋଟ ଗଣତି କରାଯାଇଥିଲା। ତୃତୀୟ ରାଉଣ୍ଡର ମୋଟ ୧୩୩୩ ବୈଧ ଭୋଟ ଥିବା ବେଳେ ଏହାର ମୂଲ୍ୟ ୧,୬୫,୬୬୪। ଏହା ମଧ୍ୟରୁ ଦ୍ରୌପଦୀ ମୁର୍ମୁ ୮୧୨ ଖଣ୍ଡ ଓ ଯଶୱନ୍ତ ସିହ୍ନା ୫୨୧ ଖଣ୍ଡ ଭୋଟ ପାଇଥିଲେ। ଏହାକୁ ମିଶାଇଲେ ତୃତୀୟ ରାଉଣ୍ଡ ସୁଦ୍ଧା ମୋଟ ବୈଧ ଭୋଟ ହେଉଛି ୩୨୧୯ ଓ ଏହାର ମୂଲ୍ୟ ୮,୩୮,୮୩୯। ଏହା ମଧ୍ୟରୁ ଦ୍ରୌପଦୀ ମୁର୍ମୁ ୨୧୬୧ ଖଣ୍ଡ ଭୋଟ ଓ ଯଶୱନ୍ତ ସିହ୍ନା ୧୦୫୯ ଖଣ୍ଡ ଭୋଟ ପାଇଛନ୍ତି। ଦ୍ରୌପଦୀଙ୍କ ଭୋଟ ମୂଲ୍ୟ ୫,୭୭,୭୭୭ ଓ ଶ୍ରୀ ସିହ୍ନାଙ୍କ ଭୋଟ ମୂଲ୍ୟ ୨,୬୧,୦୬୨। ଭୋଟ ମୂଲ୍ୟ ୫୦% ଅତିକ୍ରମ କରି ଯାଇଥିବାରୁ ଦ୍ରୌପଦୀ ମୁର୍ମୁ ଗୋଟିଏ ରାଉଣ୍ଡ ଗଣତି ପୂର୍ବରୁ ହିଁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶେଷ ରାଉଣ୍ଡ ପରେ ଶ୍ରୀମତୀ ମୁର୍ମୁ ମୋଟ ଉପରେ କେତେ ଭୋଟ ପାଇଛନ୍ତି, ତାହା ସ୍ପଷ୍ଟ ହେବ। ୧୫ ଜଣ ସାଂସଦଙ୍କ ଭୋଟ ନାକଚ ହୋଇଛି। ଅର୍ଥାତ ଏମାନେ ଠିକ୍ ଭାବେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବାରେ ଅକ୍ଷମ ହୋଇଛନ୍ତି। ସେହିପରି ୧୭ ଜଣ ବିରୋଧୀ ସାଂସଦ କ୍ରସ ଭୋଟିଂ କରିଛନ୍ତି।ପ୍ରଥମ ରାଉଣ୍ଡ ରେଜଲ୍ଟ ସାମ୍ନାକୁ ଆସିବା ପରେ ହିଁ ସାରା ଦେଶରେ ଆରମ୍ଭ ହୋଇଥିଲା ଉତ୍ସବ। ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ସ୍ଥାନ ରାଇରଙ୍ଗପୁର ଘର ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନରେ ବିଜେପି ସମର୍ଥକମାନେ ସେଲିବ୍ରେସନ ଆରମ୍ଭ କରିଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର ସହ ପରସ୍ପରକୁ ମିଠା ଖୁଆଇ ସେମାନେ ମୁର୍ମୁଙ୍କ ପାଇଁ ଉତ୍ସବ ପାଳନ କରିଥିଲେ। ବିଜୟ ଉତ୍ସବ ପାଳନ କରାଯାଉଥିଲେ ହେଁ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇ ନଥିଲା। ତଥାପି ମୁର୍ମୁ ଜିତିବା ଆଶାରେ ସମସ୍ତେ ଉତ୍ସବ ପାଳନ କରିଥିଲେ। ଫାଇନାଲ ରେଜଲ୍ଟ ବାହାରିବା ପରେ ଦ୍ରୌପଦୀଙ୍କ ସମର୍ଥକମାନେ ନିଜର ବିଜୟ ଉତ୍ସବକୁ ଆହୁରି ଜୋରଦାର କରିଛନ୍ତି। ଦ୍ରୌପଦୀଙ୍କ ପାଇଁ ରାଇରଙ୍ଗପୁରରେ ୨୦ ହଜାରରୁ ଅଧିକ ମିଠା ବଂଟା ଯାଇଛି। ସେହିପରି ତାଙ୍କ ଘର ଆଗରେ ମଧ ଶହଶହ ଲୋକ ଏକାଠି ହୋଇ ଖୁସିରେ ନାଚୁଥିବା ବେଳେର ଦୃଶ୍ୟ ସାମ୍ନାକୁ ଆସିଛି।କେବଳ ରାଇରଙ୍ଗପୁରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦ୍ରୌପଦୀଙ୍କ ବିଜୟ ପାଇଁ ଉତ୍ସବ ପାଳନ କରାଯାଇଛି। ସେ ପ୍ରଥମ ଓଡ଼ିଆ ଭାବେ ଦେଶର ସର୍ବୋଚ୍ଚ ପଦ ଅଳଙ୍କୃତ କରିଥିବାରୁ ତାଙ୍କ ପାଇଁ ପୂରା ରାଜ୍ୟ ଆଜି ଗର୍ବରେ ଫାଟି ପଡ଼ିଛି।

# ମେଡିସିନ ଫୋପାଡୁଛନ୍ତି, ଅଥଚ ରୋଗୀଙ୍କୁ ମିଳୁନି

କନ୍ଧମାଳ, ୨୧।୭(ପି.ଏନ): ସରକାର ଗ୍ରାମାଚଂଳର ଗରିବ ରୋଗୀଙ୍କୁ ମାଗଣା ମେଡିସିନ ଦେଉଛନ୍ତି ହେଲେ ରୋଗୀଙ୍କୁ ନଦେଇ ଔଷଧ ବଳକା ରଖି ପରେ ଏକ୍ସପାଇରୀ ହେଲେ ସେସବୁକୁ ଶେଷରେ ଫୋପାଡୁଛନ୍ତି ମେଡିକାଲ କର୍ମଚାରୀ ଏ ଭଳି ଅଭିଯୋଗ ଆସିଛି କନ୍ଧମାଳ ଜିଲା ବାରୀକୁମ୍ପା ଡାକ୍ତରଖାନାରୁ ।ଗତକାଲି ବାରୀକୁମ୍ପା ଡାକ୍ତରଖାନା ନିକଟରେ ସାଲାଇନ, କିଛି ମେଡିସିନ ଏକ ପରିତ୍ୟକ୍ତ କୂଅରେ ପଡିଥିବା ଦେଖିବାକୁ ମିଳିଥିଲା। ତେ୍ବ. କିଏ କାହିଁକି ଓ କଣ ପାଇଁ ସେଠାରେ ମେଡିସିନଗୁଡିକ ଫୋପାଡ଼ିଲା ତାହା ଜଣାପଡ଼ିନି। ମେଡିକାଲ କର୍ମଚାରୀ ଫୋପାଡିଛନ୍ତି ନାଆଉ କିଏ ଆଣି ସେଠାରେ ପକାଇ ଦେଇ ଛନ୍ତି ତାହା ତଦନ୍ତ ପରେ ଜଣାପଡିବ।କେବଳ ଏହି ଗୋଟିଏ ମେଡିକାଲ ନୁହେଁ ନିକଟରେ ଫିରିଙ୍ଗିଆ ଡାକ୍ତରଖାନା ନିକଟରେ ମଧ ବହୁ ଏକ୍ସପାଇର ମେଡ଼ିସିନ ପଡିଥିବା ଦେଖିବାକୁ ମିଳିଥିଲା। ଜିଲାର ସଦର ମହକୁମା ଡାକ୍ତରଖାନା ସମେତ ଅନେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ମଧ ଏକ୍ସପାଇରୀ ମେଡ଼ିସିନ ସବୁ ଫୋପାଡୁଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ତେ୍ବ ଏନେଇ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ଗଡ଼ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏନେଇ ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି କହିଥିଲେ।ସେହିପରି ଦାୟୀତ୍ୱରେ ଥିବା ମେଡିକାଲ ଅଫିସରଙ୍କୁ ପଚାରିବାରେ ଏହି ମେଡିକାଲରେ ଉନ୍ନତ ମାନର ରୋଗୀସେବା ଓ ସ୍ୱଛତା ପାଇଁ ପୂର୍ବରୁ ମେଡିକାଲକୁ କାୟାକଳ୍ପ ପୁରସ୍କାର ମିଳିଛି ଏବେ ଆଉ ଏକ ପୁରସ୍କାର ମଧ ପାଇବା ପାଇନ ଏହି ମେଡିକାଲ ଯୋଗ୍ୟ ବିବେଚିତ ହେବା ଲାଗି ସମସ୍ତ ପ୍ରସ୍ତୁତି କରାଯାଉଛି । ଏଣୁ ସଫେଇ କରାଯିବା ବେଳେ ପୂର୍ବରୁ କିଛି ଏକ୍ସପାଇରୀ ମେଡିସିନ ହୁଏତ କେଉଁଠି ଥିବ ତାକୁ କେହି କର୍ମଚାରୀ ଫୋଫାଡ଼ି ଦେଇଥିବେ ବୋଲି କହିଛନ୍ତି ।ସେଯାହା ହେଉନା କାହିଁକି ରୋଗୀଙ୍କ ପାଇଁ ଆସୁଥିବା ମେଡ଼ିସିନ ନ ଫୋପାଡ଼ି ଗରିବ ରୋଗୀଙ୍କୁ ପ୍ରଦାନ କରିବା ଉପରେ କର୍ତ୍ତୁପକ୍ଷ ଗୁରୁତ୍ୱ ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

# କାଲିଠୁ ରାଜ୍ୟରେ ସ୍ୱାଭାବିକ ହେବ ଟିକାକରଣ

ଭୁବନେଶ୍ୱର, ୨୧।୭(ପି.ଏନ): ବର୍ତ୍ତମାନ ଆମ ପାଖରେ ୭ ଲକ୍ଷ ୮୦ ହଜାର ଟିକା ମହଜୁଦ ରହିଛି। ବିଭିନ୍ନ ଜିଲ୍ଲାରୁ ଆଜି ଭ୍ୟାକସିନ ଭ୍ୟାନ ଆସିଗଲାଣି । ଆଜି ରାତି ସୁଧା ସବୁ ଜିଲ୍ଲାକୁ ଟିକା ପଠାଯିବ। ଯାହାଫଳରେ ଶୁକ୍ରବାରଠୁ ସାରା ରାଜ୍ୟରେ ସ୍ୱାଭାବିକ ଟିକାକରଣ ହେବ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।ସେ କହିଛନ୍ତି, ଓଡ଼ିଶାରେ ଏବେ ତିନି ପ୍ରକାର ଟିକାକରଣ ପ୍ରକ୍ରିୟା ଜାରି ରହିଛି। ଆଜି ବିଭିନ୍ନ ଜିଲ୍ଲାରେ କୋଭିସିଲଡ ମାତ୍ର ୬୦ ହଜାର ଟିକା ଥିଲା। ଗତକାଲି ରାତିରେ କେନ୍ଦ୍ରକୁ ୩ ଲକ୍ଷ ଓ ଆଜି ସକାଳେ ୪.୮ ଲକ୍ଷ କୋଭିସିଲଡ ଟିକା ଆସି ପହଂଚିଛି। ବର୍ତ୍ତମାନ ଆମ ପାଖରେ ୭ ଲକ୍ଷ ୮୦ ହଜାର ଟିକା ମହଜୁଦ ରହିଛି।ବିଭିନ୍ନ ଜିଲ୍ଲାରୁ ଆଜି ଭ୍ୟାକସିନ ଭ୍ୟାନ ଆସିଗଲାଣି। ଆଜି ରାତି ସୁଦ୍ଧା ସବୁ ଜିଲ୍ଲାରେ ଟିକା ପହଂଚିବ। ଫଳରେ ଆସନ୍ତାକାଲିଠାରୁ ସାରା ରାଜ୍ୟରେ ସ୍ୱାଭାବିକ ଟିକାକରଣ ହେବ। ସେହିପରି କର୍ବିଭାକ୍ସ ଟିକା ଯାହାକି ୧୪ ବର୍ଷ ବର୍ଗଙ୍କୁ ଦିଆଯାଉଛି। ଏହାର ପ୍ରଥମ ଡୋଜ ୯୯.୮ ପ୍ରତିଶତ ନେଇ ସାରିଛନ୍ତି। ସେହିପରି ଦ୍ୱିତୀୟ ଡୋଜ ଟିକାକରଣ ମଧ ଚାଲିଛି। ଆଜି ୧୫୦୦ ସରକାରୀ କେନ୍ଦ୍ରରେ ଟିକାଦାନ ଚାଲିଛି। ଯେହେତୁ ଆଜି ଟିକା ନାହିଁ, ତେଣୁ କମ୍ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ଆସନ୍ତାକାଲିଠାରୁ ୨୫୦୦ରୁ ୩ ହଜାର କେନ୍ଦ୍ରରେ ଟିକା ଦିଆଯିବ।

# ୨୫ରେ ଦ୍ରୌପଦୀଙ୍କ ଶପଥ ସମାରୋହ, ଦିଲ୍ଲୀ ଯିବେ ନବୀନ



ଭୁବନେଶ୍ୱର, ୨୧।୭(ପି.ଏନ): ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଆସନ୍ତା ୨୫ ତାରିଖରେ ପଦ ଓ ଗୋପନୀୟତାର ଶପଥ ନେବେ । ଏହି ଶପଥ ସମାରୋହରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୩ ତାରିଖରେ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚ଼ନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବେ । ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍‌ରୌପଦୀ ମୁର୍ମୁଙ୍କ ଶପଥ ସମାରୋହରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ମିଳିଛି । ଏଥିପାଇଁ ଶ୍ରୀ ପଟ୍ଟନାୟକ ଆସନ୍ତା ୨୩ ତାରିଖରେ ନୂଆଦିଲ୍ଲୀ ଗସ୍ତରେ ଯାଇ ୨୬ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି । ନବୀନ ଏହି ଗସ୍ତବେଳେ କେତେକ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ବିଜେଡି ସାଂସଦମାନଙ୍କୁ ଭେଟିବେ ବୋଲି ଜଣାପଡିଛି ।ଓଡିଶାର ଆଦିବାସୀ ମହିଳା ଦ୍‌ରୌପଦୀ ମୁର୍ମୁଙ୍କ ଜିତିବା ନେଇ ଆନୁଷ୍ଠାନିକ ଘୋଷଣା ହୋଇନଥିଲେ ମଧ ସେ ବହୁ ଭୋଟ୍ ବ୍ୟବଧାନରେ ଜିତିବା ଏକପ୍ରକାର ନିଶ୍ଚିତ ହୋଇସାରିଥିବାରୁ ଆଜି ଅପରାହ୍ନରେ ବିଜେଡି ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ ହୋଇଥିଲା । ଶ୍ରୀମତୀ ମୁର୍ମୁ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ହୋଇଥିଲେ ମଧ ତାଙ୍କ ପାଇଁ ଓଡିଶାରେ ପ୍ରଚାରର ମଙ୍ଗ ବିଜେଡି ସମ୍ଭାଳିଥିଲା । ତେଣୁ ଏହି କାରଣରୁ ଅଣଏନଡିଏ ଓ ଅଣୟୁପିଏ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ପଟ୍ଟନାୟକଙ୍କ ସମେତ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କୁ ଶପଥ ସମାରୋହରେ ସାମିଲ ହେବେ ବୋଲି ସୂଚ଼ନା ମିଳିଛି ।

## ମୁଖ୍ୟମନ୍ତ୍ରୀଙ୍କୁ ସପରିବାରେ ଭେଟିଲେ ମାଧବନ୍

ଭୁବନେଶ୍ୱର, ୨୧।୭(ପି.ଏନ): ବଲିଉଡ ତଥା ଦକ୍ଷିଣ ଭାରତ ସିନେମା ଅଭିନେତା ଆର୍ ମାଧବନ ଗୁରୁବାର ପୂର୍ବାହ୍ନରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ତାଙ୍କ ସହ ତାଙ୍କ ପତ୍ନୀ ଏବ ପୁଅ ମଧ ଉପସ୍ଥିତ ଥିଲେ । ଏହି ସମୟରେ ମାଧବନଙ୍କ ପୁଅ ଭେଦାନ୍ତଙ୍କୁ ତାଙ୍କ ଉପଲବ୍ଧି ପାଇଁ ଶୁଭେଚ୍ଛା ଜଣାଇବା ସହ ସେ ଭାରତ ପାଇଁ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଆଣିବେ ବୋଲି ଆଶା ବ୍ୟକ୍ତ କରିଥିଲେ ମୁଖ୍ୟମନ୍ତ୍ରୀ ।ମାଧବନ କଳିଙ୍ଗ ଷ୍ଟାଡିୟମରେ ହୋଇଥିବା କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ । ଖେଳାଳୀଙ୍କ ରହିବା ପାଇଁ ଷ୍ଟାଡିୟମରେ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ଅତ୍ୟନ୍ତ ଚମତ୍କାର ବୋଲି ମାଧବନ କହିଛନ୍ତି । ଭୁବନେଶ୍ୱରର ପରିବେଶକୁ ପ୍ରଶଂସା କରିବା ସହ ମାଧବନ କହିଛନ୍ତି ଯେ, ଭୁବନେଶ୍ୱର ବହୁତ ସଫାସୁତୁରା । ସାକ୍ଷାତ ବେଳେ ମୁଖ୍ୟମନ୍ତ୍ରୀ ମାଧବନ ଏବଂ ତାଙ୍କ ପରିବାରକୁ ହକି ଇଣ୍ଡିଆର ଜର୍ସି ପ୍ରଦାନ କରିଥିଲେ । କଳିଙ୍ଗ ଷ୍ଟାଡିୟମରେ ହୋଇଥିବା ସ୍ୱିମିଂ ପ୍ରତିଯୋଗିତାରେ ଅତିଥି ଭାବେ ଯୋଗ ଦେଇଥିଲେ ଆର. ମାଧବନ। ତାଙ୍କ ପୁଅ ଭେଦାନ୍ତ ମଧ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଏମଏଲଏ ଲ୍ୟାଡ ଫଣ୍ଡକୁ ବୃଦ୍ଧି କରିବାକୁ ବିଧାନସଭାରେ ଦାବି

ଭୁବନେଶ୍ୱର, ୨୧।୭(ପି.ଏନ): ବିଭିନ୍ନ ନିର୍ବାଚନମଣ୍ଡଳୀ ମାନଙ୍କରେ ଜନସଂଖ୍ୟା ଧୀରେ ଧୀରେ ବଢିବାରେ ଲାଗିଲାଣି । ବିଭିନ୍ନ ପ୍ରକଳ୍ପର ମୂଲ୍ୟ ମଧ ବଢିବାରେ ଲାଗିଛି । ତେଣୁ ଏମଏଲଏ ଲ୍ୟାଡ ଫଣ୍ଡରେ ଯେଉଁ ୩ କୋଟି ଟଙ୍କାର ବ୍ୟବସ୍ଥା କରା ଯାଇଛି ତାହା ଯଥେଷ୍ଟ ହେଉ ନାହିଁ । ତେଣୁ ଏହାକୁ ଆଖି ଆଗରେ ରଖି ଏମଏଲଏ ଲ୍ୟାଡ ଫଣ୍ଡକୁ ବୃଦ୍ଧି କରା ଯାଉ । ଗୁରୁବାର ଦିନ ପ୍ରଶ୍ନକାଳରେ ସଂଜୀବ କୁମାର ମଲିକଙ୍କ ମୂଳ ପ୍ରଶ୍ନ ଉପରେ ଆଲୋଚନା ବେଳେ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ଏହି ଦାବି କରିଛନ୍ତି ।ତେବେ ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି ଯେ ବର୍ତ୍ତମାନ ଏମଏଲଏ ଲ୍ୟାଡ ଫଣ୍ଡରେ ୨ କୋଟି ଟଙ୍କା ସାଧାରଣ ଭାବେ ତଥା ଉଚ୍ଚ ଶିକ୍ଷା ପାଇଁ ୫୦ ଲକ୍ଷ ଓ ରାସ୍ତା ଘାଟ ପାଇଁ ଆଉ ୫୦ ଲକ୍ଷ ଏପରି ମୋଟ ୩ କୋଟି ଟଙ୍କାର ବ୍ୟବସ୍ଥା କରା ଯାଇଛି । ଏହାକୁ ବଢାଇବା ପାଇଁ ରାଜ୍ୟ ସରକାରଙ୍କର ନିକଟରେ ଏବେ କୌଣସି ପ୍ରସ୍ତାବ ନାହିଁ । ଯଦି ଏ ସମ୍ପର୍କରେ ଭବିଷ୍ୟତରେ କୌଣସି ପ୍ରସ୍ତାବ ଆସେ ତେବେ ତାକୁ ସରକାର ବିଚାର କରିବେ ବୋଲି ସେ କହିଛନ୍ତି ।ବିଧାୟକ ସଂଜୀବ ମଲିକ, ଲତିକା ପ୍ରଧାନ, ମୋହନ ମାଝୀ, ସନ୍ତୋଷ ସିଂହ ସାଲୁଜା. ଭାସ୍କର ମଢେଇ ଓ ଅନ୍ୟ ବିଧାୟକ ମାନେ କହିଛନ୍ତି ଯେ କୋବିଡ ପର ଠାରୁ ବିଭିନ୍ନ ପ୍ରକଳ୍ପରେ ମୂଲ୍ୟରେ ଭାରୀ ବୃଦ୍ଧି ଘଟିଛି । ଲୁହା ଛଡ. ସିମେଂଟ ଆଦିର ମୂଲ୍ୟରେ ବୃଦ୍ଧି ଘଟିବା କାରଣରୁ ଯେଉଁ କାମ ଏକ ଲକ୍ଷ ଟଙ୍କାରେ ହେଉଥିଲା ତାହା ଏବେ ତିନି ଲକ୍ଷ ଟଙ୍କାରେ ପହଂଚି ସାରିଲାଣି । ତେଣୁ ଏହାକୁ ବୃଦ୍ଧି କରା ଯିବା ନିହାତି ଜରୁରୀ ।ପଡୋଶୀ ରାଜ୍ୟ ମାନଙ୍କରେ ମଧ୍ୟ ଚାରି କୋଟି ଯାଏ ଏମଏଲଏ ଲାଡ ରହିଛି ।ତେଣୁ ଏହାକୁ ଆଖି ଆଗରେ ରଖି ଓଡିଶାରେ ମଧ୍ୟ ଏହାକୁ ବଢାଇବାର ଆବଶ୍ୟକତା ରହିଛି ।

# ପିଲାଙ୍କୁ ମିଳିଲାନି ମଧ୍ୟାହ୍ନ ଭୋଜନ; ପଚ଼ାରିଲେ-ଗାଳି ଦେଉଛନ୍ତି ଦିଦି !



ଆଳି ,୨୧।୭(ପି.ଏନ): ୬ ମାସ ହେଲା ଛୋଟ ଛୋଟ ପିଲାଙ୍କୁ ମିଳୁନଥିଲା ମଧ୍ୟାହ୍ନ ଭୋଜନ। ଏ ସମ୍ପର୍କରେ ଗାଁ ଲୋକେ ପଚ଼ାରିଲେ, ଅଙ୍ଗନବାଡି ଦିଦି ଗାଳି ଦେଉଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅଞ୍ଚଳରୁ ଆସିଛି। ଆଜି ଗାଁର ମହିଳାମାନେ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି ।ରାଜକନିକା ବ୍ଲକ କାଳୀସିପଡାରେ ରହିଛି ଗୋଟିଏ ଅଙ୍ଗନବାଡି କେନ୍ଦ୍ର। ପିମ୍ପୁଡି ଗାଁର ୧୧ ନମ୍ବର ୱାର୍ଡ ଓ କାଳୀସୀପଡ଼ା ଗ୍ରାମର ୧୨ ନମ୍ବର ୱାର୍ଡର ପିଲାମାନେ ଏହି ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢ଼ିବା ପାଇଁ ଆସୁଥିଲେ। ହେଲେ ଦୁଃଖର ବିଷୟ ଏହି କେନ୍ଦ୍ରକୁ ଆସୁଥିବା ପିଲାଙ୍କୁ ଗତ ୬ ମାସ ହେଲା ମଧ୍ୟାହ୍ନ ଭୋଜନ ମିଳୁନି। ଗର୍ଭବତୀ ଓ ପିଲାଙ୍କ ପାଇଁ ଆସୁଥିବା ଅଣ୍ଡା, ଛତୁଆ ମଧ ମିଳୁନାହିଁ ।ଅଙ୍ଗନବାଡି କେନ୍ଦ୍ରରେ ପଢ଼ୁଥିବା ପିଲାଙ୍କୁ କ'ଣ ପାଇଁ ମଧ୍ୟାହ୍ନ ଭୋଜନ ଦିଆଯାଉ ନାହିଁ ? ଏ ସମ୍ପର୍କରେ ଗାଁ ଲୋକେ ପଚ଼ାରିଲେ ଅଙ୍ଗନବାଡି ଦିଦି ରାଗି ଯାଉଥିଲେ। ଗାଳି ଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏନେଇ ଗାଁ ଲୋକେ ଅଙ୍ଗନବାଡି ସୁପରଭାଇଜରଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସୁପରଭାଇଜର ଗାଁକୁ ବୁଝାସୁଝା କରିଥିଲେ। ମାତ୍ର ସମାଧାନର ରାସ୍ତା ବାହାରି ପାରିନଥିଲା।ଅଙ୍ଗନବାଡି ସୁପରଭାଇଜରଙ୍କଠାରୁ ନିରାଶ ହୋଇ ଗାଁ ଲୋକେ ରାଜକନିକା ସିଡିପିଓ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ସବୁଆଡୁ ନିରାଶ ହେବା ପରେ ଗାଁର ମହିଳାମାନେ ଆଜି ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଥିଲେ।

# ସରକାରୀ ଧାନ ବିହନ ଗଜା ହେଉନି, ଚାଷୀ ହଟହଟ୍ଟା

ଗଞ୍ଜାମ, ୨୧।୭(ପି.ଏନ): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର ବିଭିନ୍ନ ସେବା ସମବାୟ ସମିତି ତଥା ସରକାରୀ ବିହନ ବିକ୍ରୟ କେନ୍ଦ୍ରରୁ ଚାଷୀ ମାନେ ଧାନ ବିହନ କିଣି ହଟହଟ୍ଟା ହୋଇଛନ୍ତି । ଏହି ଧାନ ବିହନ ଜମିରେ ବୁଣିଥିଲେ ମଧ ଏହା ନିର୍ଦ୍ଧାରିତ ସମୟ ମଧ୍ୟରେ ଗଜା ହୋଇନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ । ଏହିପରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରେ ସରକାରଙ୍କ ଦ୍ୱାରା ବିକ୍ରୟ କରାଯାଇଥିବା ଧାନ ବିହନ ଗଜା ହୋଇନଥିବା ଖବର ମିଳିଛି । ତୁରନ୍ତ ଜିଲ୍ଲା କୃଷି ବିଭାଗର ଅଧିକାରୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚାଷୀ ମାନଙ୍କୁ ଉନ୍ନତମାନର ବିହନ ଯୋଗାଇ ଦେବାକୁ ଦାବି ହୋଇଛି ।

# ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ ୱାଲ୍ କାମ ଅଧାପନ୍ତରିଆ

ସାଲେପୁର, ୨୧।୭(ପି.ଏନ): କୃଷକମାନଙ୍କୁ ଚାଷ କାର୍ଯ୍ୟ କରିବା କ୍ଷେତ୍ରରେ ସହଯୋଗ ପାଇଁ ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସହଯୋଗ କରୁଥିଲା ବେଳେ ଠିକାଦାର ଓ ମନମାନୀ ଅଫିସରଙ୍କ ପାଇଁ ବହୁ କ୍ଷେତ୍ରରେ ଚାଷ କାର୍ଯ୍ୟ ବ୍ୟାହାତ ହେଉଥିବା ଅଭିଯୋଗ ହୋଇଛି । ମହାନଦୀ-ଚିତ୍ରୋତ୍ପଳା ଦୀପାଂଚଳରେ ହଜାର ହଜାର ପରିବାର ଚାଷ କରି ନିଜର ପରିବାର ପ୍ରତିପୋଷଣ କରିବା ସହ ବଳକା ଦ୍ରବ୍ୟକୁ ବାହାର ବଜାରରେ ବିକ୍ରି କରି ଦି ପଇସା ଉପାର୍ଜନ କରିଥାଆନ୍ତି । ଏହି ଅଂଚଳରେ ଜଳସେଚନର ସୁବିଧା ନଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମ ଦ୍ୱାରା ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାଶ୍ୱର୍ ଓ ମହାନଦୀର ବାମପାଶ୍ୱର୍ କେନାଲ ଖୋଳାଗଲା । ଦୁଇ କେନାଲରେ ପାଣି ଯିବା ପାଇଁ ଶିଶୁଆ ନିକଟରେ ସାଇଫନ ନିର୍ମାଣ କରାଯିବା ସହ ଏହାର ରକ୍ଷଣାବେକ୍ଷଣ ପାଇଁ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଉପରିସ୍ଥ ଅଫିସରମାନେ ନିଯୁକ୍ତି ପାଇଲେ । ଏହି ଦୁଇ କେନାଲ ଉପରେ ନିର୍ଭର କରୁଥିବା ଗୁହାଳୀ, କାଳିକାପୁର, କଳମିଶ୍ରି, ଜନାର୍ଦ୍ଦନପୁର, ବନ୍ଧୁପୁର, ବାବୁଜଙ୍ଗ, ମହମ୍ମଦପୁର, ମଣିଜଙ୍ଗ, ଉତ୍ତରକୂଳ, ସାହୁକ୍ଷେତ୍ର, ସାନ୍ତପୁର, ଆଦି ପଂଚାୟତର ୩୦ ହଜାରରୁ ଉର୍ଦ୍ଧ ଚାଷୀ ଏହି କେନାଲ ପାଣି ଉପରେ ନିର୍ଭର କରି ନିଜର ଚାଷ କାର୍ଯ୍ୟ କରିଥାଆନ୍ତି । ସ୍ଥାନେ ସ୍ଥାନେ କେନାଲ ବନ୍ଧ ଦୁର୍ବଳ ଥିବାରୁ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ବିନିଯୋଗ କରାଯାଇ କେନାଲ ଭିତରପଟ ୱାଲ ନିର୍ମାଣ କରାଯାଉଛି । ଚିତ୍ରୋତ୍ପଳା ନଦୀର ବାବୁଜଙ୍ଗଠାରେ ହୋଇଥିବା ୱାଲ୍ ସରକାରଙ୍କ ନୀତି ନିୟମ ଅନୁସାରେ ନହେବା ଅଭିଯୋଗ ହୋଇଛି । ଅପରପକ୍ଷରେ ଗୁହାଳିନାଶି ନିର୍ଗୁଣ୍ଡି ପାଖରୁ ମଣିଜଙ୍ଗ ପର୍ଯ୍ୟନ୍ତ ବର୍ଷା ଦିନେ ସଫେଇ କରାଯାଇଥିବାରୁ ଚାଷୀମାନେ ଠିକ୍ ସମୟରେ ପାଣି ପାଇପାରୁ ନାହାଁନ୍ତି । ଜୁଲାଇମାସ ସରିବାକୁ ବସିଥିଲେ ମଧ୍ୟ ସ୍ଥାନେ ସ୍ଥାନେ କେନାଲ କାମ ହେଉଥିବାରୁ ଅଗଷ୍ଟମାସ ପ୍ରଥମ ସପ୍ତାହ ସୁଦ୍ଧା ମଧ ପାଣି ନଆସିବା ନେଇ ଚାଷୀମାନେ ସୂଚନା ପାଇଛନ୍ତି । ଚଳିତ ବର୍ଷ ଲଘୁଚାପ ବର୍ଷା ପ୍ରଭାବ ସବୁଆଡେ ପଡୁ ନଥିବାରୁ ଅଦ୍ୟାବଧି ଚାଷୀମାନେ ଧାନ ତଳି ପକାଇ ପାରି ନାହାଁନ୍ତି । ବିଭାଗୀୟ କର୍ମଚାରୀଙ୍କ ମନମାନୀ କାର୍ଯ୍ୟ ଓ କେନାଲ ୱାଲ୍ ର ଉଚ୍ଚସ୍ତରୀୟ ତଦନ୍ତ ହେଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ନିମନ୍ତ୍ରଣ ରେଷ୍ଟୁରାଂଟର ୧୭ ଲକ୍ଷ ଟଙ୍କା ଘୋଟାଲା ଅଭିଯୋଗରେ ଓଟିଡିସି ମ୍ୟାନେଜର ଗିରଫ

ଭୁବନେଶ୍ୱର, ୨୧।୭(ପି.ଏନ): ଭୁବନେଶ୍ୱର ସହିଦନଗରସ୍ଥିତ 'ନିମନ୍ତ୍ରଣ' ରେଷ୍ଟୁରାଂଟର ପ୍ରାୟ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଘୋଟାଲା କରିଥିବା ଅଭିଯୋଗରେ ୨ ଜଣ ଗିରଫ ହୋଇଛନ୍ତି। ଗିରଫ ମଧ୍ୟରେ ରହିଛନ୍ତି ଓଟିଡିସି ମ୍ୟାନେଜର ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି ଓ ଠିକା କର୍ମଚାରୀ ସୁନୀଲ ଘଡ଼େଇ। ଅଡିଟ୍ ବେଳେ ସେମାନେ ଟଙ୍କା ହେରଫେର କରିଥିବା ଜଣାପଡିଲା। ଅଭିଯୋଗ ପରେ ସହିଦନଗର ଥାନା ପୋଲିସ୍ ଉଭୟଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଲୋକଙ୍କ ନିକଟରେ ପହଂଚାଇବାକୁ ଗତ ବର୍ଷ ସେପ୍ଟେମ୍ବରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି ) ପକ୍ଷରୁ ଭୁବନେଶ୍ୱର ସହିଦନଗରରେ ନିମନ୍ତ୍ରଣ ରେଷ୍ଟୁରାଂଟ ଖୋଲିଥିଲା। ଏହି ରେଷ୍ଟୁରାଂଟରୁ ହେଉଥିବା ଆୟର ପେମେଂଟ ମୁଖ୍ୟତଃ ଅନଲାଇନ୍ ଓ ଅଫଲାଇନ୍ ରେ ହୋଇଥାଏ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯ୍ୟଷ୍ଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ୍ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ହେଳା, ଭେଳା, ଅବହେଳା



ହେଳାରୁ ବା ଭେଳା ବୁଡ଼େ ବୋଲି ଏକ ଲୋକକଥା ଅଛି। ହେଲେ ଅବହେଳା ଆଉ ଏକ ଅକ୍ଷମଣୀୟ ଗୁରୁତ୍ୱପୂର୍ଣ୍ଣ ଦିଗ। ଅବହେଳା ମଣିଷର ଚରିତ୍ର ଦୃଷ୍ଟିକୋଣରୁ ହୋଇପାରେ, ଆଦର୍ଶ, ବୃତ୍ତିଗତ, ଚିନ୍ତନ, ଆଧାତ୍ମିକ, ଆର୍ଥିକ ବି ହୋଇପାରେ। ତେବେ ଅବହେଳା ଗୁରୁତର ହେଲେ ଏହା ମାନବୀୟ ଜୀବନରେ ବଡ଼ ଦୁଃଖର ଓ ଅବଶୋଷର କାରଣ ପାଲଟେ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତା'ର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟଦକ୍ଷତା ଶୁଣିବା ପରେ ସେ ବଡ଼ ବିଷାଦଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେଦିନ ଅନୁରାଗବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହାସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁ ଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତା'ର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକପ୍ରକାର ନଷ୍ଟ କରିଦେଇଥା'ନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା? ବ୍ୟସ୍ତତା, ଭାବପ୍ରବଣତା ନା ଆଉ କିଛି? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା' ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା, ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେସବୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା, ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚକରି ଗରିବ ଲୋକମାନଙ୍କ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲେ। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସି ନ ଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମସଂସ୍ଥାନର ଦାୟିତ୍ୱ ଅନୁରାଗବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଣା ପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଏବଂ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ' ଦ୍ୱିତୀୟ ଭଗବାନ; କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଶମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହଶ୍ରଦ୍ଧା ଦେବାରେ ହେଳା କରିନଥା'ନ୍ତି। ଅନୁରାଗବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି; ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କଠାରୁ ପ୍ରାପ୍ତ ହେଉଛନ୍ତି; ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥା'ନ୍ତି ତା'ର ନେପଥ୍ୟ ଏହି ମହନୀୟ ଡାକ୍ତରବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇନେବା ଉଚିତ।

**—ଶ୍ୟାମସୁନ୍ଦର ସାମଲ**
*ବିଡ଼ାନାସୀ ବନ୍ଧଛକ, କଟକ,*
*ଦୂରଭାଷ: ୯୭୭୮୬୩୫୯୨୬*

# ଶରିୟତ ଲାଗୁ କରିବାର ଝାଡଖଣ୍ଡ ମଡେଲ

**ଡ. ସମନ୍ୱୟ ନନ୍ଦ**

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଭାରତର ବିଭାଜନ ମଧ୍ୟ ହୋଇଥିଲା। କାରଣ କିଛି ମୁସଲମାନ ନେତା ସେତେବେଳେ କହିଥିଲେ ଯେ ହିନ୍ଦୁମାନଙ୍କ ସହ ମୁସଲମାନମାନେ ରହିବା ସମ୍ଭବ ନୁହେଁ। ତତ୍କାଳୀନ କଂଗ୍ରେସ ନେତୃତ୍ୱ ଏହି ଇସଲାମୀ ଶକ୍ତିମାନଙ୍କ ଆଗରେ ମୁଣ୍ଡ ନୁଆଁଇଥିଲେ ଓ ଭାରତର ବିଭାଜନ ହୋଇଥିଲା। ଭାରତ ବିଭାଜନ ପରେ ଯେଉଁ ଅଲଗା ଦେଶ ତିଆରି ହେଲା ତାହାକୁ ସେମାନେ ଇସଲାମୀ ଦେଶର ମାନ୍ୟତା ପ୍ରଦାନ କଲେ। ପାକିସ୍ତାନ ସରକାରୀ ଭାବେ ଇସଲାମୀ ଦେଶ ଭାବେ ପରିଗଣିତ ହେଲା। ଅପରପକ୍ଷେ ଭାରତରେ କେବେହେଲେ ପୂଜାପଦ୍ଧତି ନେଇ କେବେ କାହା ସହ ଭେଦଭାବ କରାଯାଇ ନଥିବା କାରଣରୁ ଭାରତ ପାକିସ୍ତାନ ଭଳି ଥିଓକ୍ରେଟିକ ଦେଶ ହୋଇ ନ ଥିଲା।

ପାକିସ୍ତାନ ଇସଲାମୀ ଦେଶ ହୋଇଥିବା କାରଣରୁ ସେଠାରେ ଇସଲାମୀ ଆଇନ ଅଥବା ଶରିଆ ଆଇନ କିଛି ମାତ୍ରାରେ ଲାଗୁ ହେଲା। ଏବେ ଭାରତରେ ମଧ୍ୟ ସେହି ଟ୍ରେଣ୍ଡ ଦେଖାଯିବା ଆରମ୍ଭ ହେଲାଣି। ଭାରତକୁ ବିଭାଜନ କରାଇ ପାକିସ୍ତାନ ନିର୍ମାଣ କରିବା ପରେ ମଧ୍ୟ ଭାରତରେ ଥିବା ଇସଲାମିଷ୍ଟ ମାନଙ୍କର ସେହି ବିଭାଜନକାରୀ ମାନସିକତାରେ କୌଣସି ପରିବର୍ତ୍ତନ ଆସି ନ ଥିବା ଗତ କିଛିଦିନର ଘଟଣାରୁ ସ୍ପଷ୍ଟ ହେଉଛି।

ପ୍ରଥମେ କର୍ଣ୍ଣାଟକରେ ଏକ ମହାବିଦ୍ୟାଳୟରେ ମୁସଲମାନ ଛାତ୍ରୀମାନେ ହିଜାବ ପିନ୍ଧି ଆସିବାକୁ ଦାବି କରିଥିଲେ। ସେତେବେଳେ ଏହାକୁ ନେଇ ଖୁବ ବିବାଦ ହୋଇଥିଲା ଓ ମାମଲା କୋର୍ଟ ଯାଏ ଗଲା।

ଏବେ ଝାଡଖଣ୍ଡରୁ ଏକ ବିପଜ୍ଜନକ ଚିତ୍ର ସାମନାକୁ ଆସିଛି। ଝାଡଖଣ୍ଡରେ ଏକ ଜାମତଡା ଜିଲ୍ଲା ନାମକ ଏକ ଜିଲ୍ଲା ରହିଛି। ଏହି ଜିଲ୍ଲାର ଏକ ଘଟଣା ବର୍ତ୍ତମାନ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ଅଛି। ସାଧାରଣ ଭାବେ ସାରା ଭାରତରେ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାଳୟ ହେଉ ବା ସରକାରୀ କିମ୍ବା ବେସରକାରୀ ସ୍କୁଲ ହେଉ ରବିବାର ଦିନ ଛୁଟି ହୋଇଥାଏ। ହେଲେ ଜାମତଡା ଜିଲ୍ଲାରେ ଶହେରୁ ଅଧିକ ବିଦ୍ୟାଳୟରେ ଗତ କିଛିବର୍ଷ ହେଲା ରବିବାର ବଦଳରେ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନ ଅବକାଶ ହେଉଛି। ଏ ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ତଦନ୍ତ ଆରମ୍ଭ ହେଲା। ଏଥିରୁ ଜଣାପଡିଲା ଯେ ଯେଉଁ ସ୍କୁଲଗୁଡିକରେ ରବିବାର ବଦଳରେ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନକୁ ଅବକାଶ ଘୋଷଣା କରାଯାଇଥିଲା ସେହି ଅଂଚଳରେ ୭୦ ପ୍ରତିଶତ ଜନତା ହେଉଛନ୍ତି ମୁସଲମାନ। ଅର୍ଥାତ ସେହି ଅଂଚଳରେ ମୁସଲମାନମାନଙ୍କ ସଂଖ୍ୟା ବଢିଯିବା କାରଣରୁ ସେମାନେ ସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ଧମକ ଚମକ ଦେବା ସହ ବାଧ କରି ରବିବାର ବଦଳରେ ଶୁକ୍ରବାର ଦିନ ଛୁଟି କରାଇ ନେଇଛନ୍ତି। ଏବେ ଜଣାପଡୁଛି ସେତେବେଳେ ଏହି ସ୍କୁଲମାନଙ୍କର ପ୍ରଧାନ ଶିକ୍ଷକମାନେ ହେମନ୍ତ ସୋରେନ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ମୁସଲମାନ ଗ୍ରାମବାସୀମାନଙ୍କ ଦ୍ୱାରା ତାଙ୍କୁ ଧମକ ଚମକ ଦେଉଥିବା ସମ୍ପର୍କରେ ଅବଗତ କରାଇଥିଲେ ସୁଦ୍ଧା ଶିକ୍ଷା ବିଭାଗର ଅଧିକାରୀମାନେ କୌଣସି ପ୍ରକାର କର୍ଣ୍ଣପାତ କରି ନ ଥିଲେ। ଫଳରେ ଗତ କିଛିବର୍ଷ ହେଲା ଏହି ମୁସଲମାନବହୁଳ ସ୍କୁଲମାନଙ୍କରେ ରବିବାର ବଦଳରେ ଜୁମାରେ ଛୁଟି ହେଉଛି। କେବଳ ସେତିକି ନୁହେଁ, ଏହି ମୁସଲମାନ ମାନେ ସରକାରୀ ସ୍କୁଲ ଆଗରେ ଜୋର ଜବରଦସ୍ତି ଉର୍ଦ୍ଦୁ ସ୍କୁଲ ବୋଲି ମଧ୍ୟ ଲେଖା କରାଇ ଦେଇଛନ୍ତି। ସରକାରୀ ସ୍କୁଲଗୁଡିକୁ ଉର୍ଦ୍ଦୁ ସ୍କୁଲ ବୋଲି ମୁସଲମାନମାନେ ଘୋଷଣା କରି ଦେଇଛନ୍ତି। ଏହା ଆଉ ଏକ ଉଦ୍‌ବେଗର ବିଷୟ।





ପରବର୍ତ୍ତୀ ସମୟରେ ଜଣାପଡିଲା ଯେ କେବଳ ଜାମତଡା ଜିଲ୍ଲାରେ ହିଁ ଏପରି ଘଟିନାହିଁ। ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନିଜ ଜିଲ୍ଲାରେ ମଧ୍ୟ ଏଭଳି ଘଟଣାମାନ ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ହେଉଛି ଦୁମକା। ଏହି ଜିଲ୍ଲାରେ ୩୩ଟି ସରକାରୀ ସ୍କୁଲ ଏପରି ରହିଛି ଯେଉଁଥିରେ ସ୍କୁଲଗୁଡିକର ନାମ ଆଗରେ ଉର୍ଦ୍ଦୁ ସ୍କୁଲ ଯୋଡି ଦିଆଯାଇଛି। ମୁସଲମାନବହୁଳ ଅଂଚଳରେ ଥିବା ଏହି ସରକାରୀ ସ୍କୁଲମାନଙ୍କରେ ମଧ୍ୟ ରବିବାର ବଦଳରେ ଶୁକ୍ରବାର ଦିନ ଛୁଟି ହେଉଛି।

ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏଭଳି ଘଟଣା ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇ ଦେଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଏହି ସ୍କୁଲର ମଧ୍ୟାହ୍ନ ଭୋଜନ ମେନ୍ୟୁରେ ଲେଖାଯାଇଛି ଯେ ଏଠାରେ ରବିବାର ଦିନ ଖାଦ୍ୟ ବିତରଣ କରାଯାଇଥାଏ ଓ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନ ସ୍କୁଲ ବନ୍ଦ ରହେ। ପ୍ରଶାସନକୁ ସୂଚନା ନ ଦିଆଯାଇ ଏହି ସ୍କୁଲଗୁଡିକୁ ଉର୍ଦ୍ଦୁ ସ୍କୁଲ କରି ଦିଆଯାଇଛି, କାରଣ ଏହି ଅଂଚଳରେ ମୁସଲମାନମାନଙ୍କ ସଂଖ୍ୟା ଅଧିକ।

ମୁସଲମାନବହୁଳ ଅଂଚଳରେ ଯେ କେବଳ ରବିବାର ବଦଳରେ ଜୁମା ଅର୍ଥାତ ଶୁକ୍ରବାର ଦିନ ସ୍କୁଲ ଛୁଟି କରିବାକୁ ବାଧ୍ୟ କରାଯାଉଛି ତା' ନୁହେଁ ହାତଯୋଡି ପ୍ରାର୍ଥନା କରିବାର ପରମ୍ପରାକୁ ବଦଳାଇ ଦିଆଯିବାର ଚାଂଚଲ୍ୟକର ଖବର ମଧ୍ୟ ସାମନାକୁ ଆସିଛି। ଝାଡଖଣ୍ଡରେ ହିଁ ଗଢଓ୍ୱା ଜିଲ୍ଲାରେ ମୁସଲମାନବହୁଳ ଗାଁର ସ୍କୁଲରେ କଟ୍ଟରପନ୍ଥୀ ମୁସଲମାନମାନେ ହାତଯୋଡି ପ୍ରାର୍ଥନାକୁ ବନ୍ଦ କରାଇଛନ୍ତି। ଏହା ମଧ୍ୟ ବର୍ତ୍ତମାନ ଗଣମାଧ୍ୟମର ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛି।

ଝାଡଖଣ୍ଡରେ ଯେଉଁସବୁ ଘଟଣା ଗତ କିଛିଦିନ ମଧ୍ୟରେ ଘଟିଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ଏହି ଘଟଣାରୁ ସାଧାରଣ ଭାବେ କିଛି ନିଷ୍କର୍ଷ ବାହାର କରାଯାଇପାରେ। ପ୍ରଥମଟି ହେଲା କୌଣସି ସ୍ଥାନର ଡେମୋଗ୍ରାଫିରେ ପରିବର୍ତ୍ତନ ଘଟିଲେ ଏପରି ଘଟଣା ସାମନାକୁ ଆସିବ। ଭାରତର ସମ୍ବିଧାନରେ ଯାହା ଲେଖାହୋଇଥାଉ ନା କାହିଁକି ଇସଲାମିଷ୍ଟ ଶକ୍ତିମାନେ ସଂଖ୍ୟା ବଳ ଆଧାରରେ ବଳ ଓ ଚାପ ପ୍ରୟୋଗ କରି ଧୀରେ ଧୀରେ ଦେଶରେ ଚାଲିଥିବା ବ୍ୟବସ୍ଥା ଓ ପରମ୍ପରାକୁ ବଦଳାଇବାକୁ ଚେଷ୍ଟା କରିବେ। ଧୀରେ ଧୀରେ ସେମାନେ ଶରିଆ ଆଇନ ଲାଗୁ କରିବାକୁ ପ୍ରୟାସ କରିବେ। ଝାଡଖଣ୍ଡରେ ମୁସଲମାନବହୁଳ ଗାଁମାନଙ୍କରେ ଘଟିଥିବା ଏହି ଘଟଣା ଏହାକୁ ସ୍ପଷ୍ଟ ସଂକେତ କରୁଛି।

ଏହି ଘଟଣାମାନ ଆଉ ଏକ ଦିଗକୁ ମଧ୍ୟ ସଂକେତ କରୁଛି। ତାହା ହେଲା, ୧୯୪୭ ମସିହାରେ ଭାରତକୁ ବିଭାଜନ କରି ଇସଲାମୀ ଦେଶ ପାକିସ୍ତାନ ତିଆରି କଲେ। ଭାରତ ବିଭାଜନ କରି ମୁସଲମାନ ଦେଶ ତିଆରି କରି ମଧ୍ୟ ସେମାନେ ସନ୍ତୁଷ୍ଟ ହୋଇନାହାନ୍ତି। ସେତେବେଳେ ଯେଉଁମାନେ ଭାରତରେ ରହିଗଲେ ସେମାନଙ୍କ ମନରେ ଭାରତର ସମ୍ପୂର୍ଣ୍ଣ ଇସଲାମୀକରଣର ସ୍ୱପ୍ନ ଏବେ ବି ରହିଛି। ଯେଉଁଠାରେ ସେମାନଙ୍କର ସଂଖ୍ୟା ବଢୁଛି, ସେଠାରେ ସେମାନେ ତାଙ୍କ ମନରେ ଥିବା ଭାରତର ଇସଲାମୀକରଣର ସ୍ୱପ୍ନକୁ ସାକାର କରିବାକୁ ପ୍ରୟାସ କରୁଛନ୍ତି। ସ୍କୁଲମାନଙ୍କରେ ରବିବାର ଛୁଟି ବଦଳରେ ଜୁମାରେ ଜୋର ଜବରଦସ୍ତି ଛୁଟି କରାଇବା ବା ହାତଯୋଡି ପ୍ରାର୍ଥନାକୁ ବନ୍ଦ କରାଇବା ସେମାନଙ୍କର ଏହି ପ୍ରୟାସର ଅଂଶବିଶେଷ।

ଏହି ଘଟଣାଗୁଡିକରୁ ସ୍ପଷ୍ଟ ହେଉଛି ଯେ ଏହା ସୁଚିନ୍ତିତ ଓ ସୁନିୟୋଜିତ ଭାବେ କରାଯାଉଛି। ଏହା ଅତ୍ୟନ୍ତ ଗୁରୁତର ବିଷୟ ଓ ଦେଶର ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ଏହାକୁ ହାଲ୍‌କା ଭାବେ ନିଆଯିବା ଉଚିତ ନୁହେଁ। ଏହାପଛରେ କେଉଁ ଶକ୍ତିମାନେ ଅଛନ୍ତି ତାହାକୁ ଚିହ୍ନଟ କରିବା ଆବଶ୍ୟକ। ଏମାନଙ୍କୁ କେଉଁଠାରୁ ବୈଚାରିକ ଓ ଆର୍ଥିକ ସହଯୋଗ ମିଳୁଛି, ତା'ର ମଧ୍ୟ ଯାଂଚ କରି ଏ ବାବଦରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

## ଅଶୋକ ପଣ୍ଡାଙ୍କ ବିୟୋଗ ସାମ୍ବାଦିକ ଜଗତ ପାଇଁ ଅପୂରଣୀୟ କ୍ଷତି



ଭୁବନେଶ୍ୱର (ପିଏନ୍): ବରିଷ୍ଠ ଚିତ୍ର ଉତ୍ତୋଳକ ସାମ୍ବାଦିକ ଅଶୋକ କୁମାର ପଣ୍ଡାଙ୍କ ଆକସ୍ମିକ ବିୟୋଗରେ ଓଡ଼ିଶା ନାଗରିକ ମହାମଞ୍ଚ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ ଜଣେ ଦକ୍ଷ, ସଚ୍ଚୋଟ, ନିଷ୍ଠାପର ସାମ୍ବାଦିକ ଭାବରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ। ଫଟୋ ଉତ୍ତୋଳନ ସହିତ ସେ ଜଣେ ମିଷ୍ଟଭାଷୀ, ସାରସ୍ୱତ ପ୍ରତିଭା ଭାବେ ସର୍ବଦା ନୂତନ ପିଢ଼ିର ସାମ୍ବାଦିକମାନଙ୍କୁ ପ୍ରେରିତ କରୁଥିବେ। ମୁଖପାତ୍ର ଅରବିନ୍ଦ ତ୍ରିପାଠୀଙ୍କ ସହିତ ମଞ୍ଚର ଉପସଭାପତି ପ୍ରଦୀପ ବିଶ୍ୱାଳ, ସଂଯୋଜକ ନାରାୟଣ ଓଝା, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଓଡ଼ିଶା ସାମ୍ବାଦିକ ଜଗତ ଏକ ଧ୍ରୁବତାରାଙ୍କୁ ହରାଇଲା ବୋଲି କହିଥିଲେ।

## କେନ୍ଦ୍ରାପଡାରେ ଏସଏଚଜି ନିର୍ମିତ ଝୋଟର ରାକ୍ଷୀ ମିଳିବ



କେନ୍ଦ୍ରାପଡ଼ା (ପିଏନ୍): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରାଇଡ' ଏବଂ କଲିକତାର ନିନଫେଟ (ଏନ.ଆଇ.ଏନ.ଏଫ.ଇଟି.)ର ମିଳିତ ଆନୁକୂଲ୍ୟରେ ଝୋଟରୁ ବିଭିନ୍ନ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଛରେଇ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ନିନଫେଟ (ଏନ.ଆଇ.ଏନ.ଏଫ.ଇଟି.)ର ମୁଖ୍ୟ ବୈଜ୍ଞାନିକ ଲକ୍ଷ୍ମୀକାନ୍ତ ନାୟକ, ତରୁଣ କୁମାର କୁଣ୍ଡୁ ଓ 'ରାଇଡ' ଅନୁଷ୍ଠାନର ସମ୍ପାଦକ କିଶୋର କୁମାର ସାହୁ, ଓରମାସର ସିଇଓ ଆଶିଷ କୁମାର ରାଉଳ, ଏଡିଏଚ ଅଜିତ କୁମାର ବିଶ୍ୱାଳ, ମିଶନ ଶକ୍ତି ଡିପିସି କୈଳାସ କୁମାର ସେନାପତି, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ. ସୂର୍ଯ୍ୟନାରାୟଣ ମିଶ୍ର, ବୈଜ୍ଞାନିକ ନମିତା ମହାପାତ୍ର, ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, ମାର୍ଶାଘାଇ ବିଏଲସି ବିଜ୍ଞାନ କୁମାର ସେନାପତି, ମାର୍ଶାଘାଇ ବିପିସି ବିକାଶ ମହାନ୍ତି ପ୍ରମୁଖ ଯୋଗଦେଇ ଉପସ୍ଥିତ ସ୍ୱୟଂସହାୟିକା ଗୋଷ୍ଠିର ମହିଳାମାନଙ୍କୁ ଝୋଟରୁ କିଭଳି ମୂଲ୍ୟଯୁକ୍ତ ପଦାର୍ଥ ନିର୍ମିତ ହୋଇପାରିବ ଏବଂ ସେହି ପଦାର୍ଥକୁ ବଜାରରେ କିଭଳି ବିକ୍ରୟ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ନିନଫେଟ (ଏନ.ଆଇ.ଏନ.ଏଫ.ଇଟି.) ଏବଂ ରାଇଡ ଦ୍ୱାରା ପ୍ରସ୍ତୁତ କେତେକ ଝୋଟ ତିଆରି ପଦାର୍ଥକୁ ସେଠାରେ ପ୍ରଦର୍ଶନ କରାଯାଇଥିଲା। ଏହାପରେ କେନ୍ଦ୍ରାପଡାରେ ରାଇଡ ଅନୁଷ୍ଠାନର ସହଯୋଗରେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀଗୁଡିକ ଦ୍ୱାରା ନିର୍ମିତ ଝୋଟ ତିଆରି ରାକ୍ଷୀ ଓ ଜୁଟ ଫ୍ରେମକୁ ଦର୍ଶାଯାଇଥିଲା। ଏହି ଅବସରରେ ରାଇଡ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ଯେ କେନ୍ଦ୍ରାପଡାରେ ଆଗାମୀ ରକ୍ଷାବନ୍ଧନରେ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ଝୋଟ ରାକ୍ଷୀ ସହିତ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ସୁଲଭ ମୂଲ୍ୟରେ ମିଳିପାରିବ।

## ବନ ବିଭାଗ ପକ୍ଷରୁ ଚଢାଉ, ବିପୁଳ ପରିମାଣର କୋଇଲା ଜବତ

ଚଣ୍ଡିଖୋଲ (ପିଏନ୍): କଟକ ବନଖଣ୍ଡ ଭିଜିଲାନ୍ସ ଟିମ ଓ ଡାଳିଯୋଡା ବନଖଣ୍ଡ ଅଧିକାରୀ ବଡଚଣା ବ୍ଲକର ଭରତପୁର ପଞ୍ଚାୟତ ଅନ୍ତର୍ଗତ ପଣସୁଧା ଗ୍ରାମରେ ଚଢାଉକରି ବିପୁଳ ପରିମାଣର କୋଇଲା ଜବତ କରିଛନ୍ତି। ପ୍ରକାଶ ଥାଉକି, ଏହି ଗ୍ରାମରେ ଦୀର୍ଘଦିନ ଧରି ବେଆଇନ ଭାବେ ଝେରା କୋଇଲା କାରବାର ହେଉଥିବା ବନବିଭାଗ ନିକଟରେ ଖବର ଥିଲା। ବନବିଭାଗର ଭିଜିଲାନ୍ସ ଟିମ ଓ ଚଣ୍ଡିଖୋଲ ବନପାଳ ଶଶୀକାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ଅତର୍କିତ ଚଢାଉ କରିଥିଲେ। ସେଠାରେ ଗଚ୍ଛିତ ଥିବା ୨ଟନ ଝେରା କୋଇଲାକୁ ଜବତ କରିଥିବା ବେଳେ ଏହି କାରବାରରେ ସଂପୃକ୍ତ ଥିବା ଯୁବକ ଖସି ପଳାଇବାରେ ସକ୍ଷମ ହୋଇଛି। ୨ଟନ କୋଇଲାକୁ ଅଭିଯୁକ୍ତ ପ୍ୟାକେଟ କରି ଝେରାରେ ବିଭିନ୍ନ ଅଂଚଳକୁ ଚାଲାଣ କରୁଥିଲା। ବନବିଭାଗ ୧୧୨ ଗୋଟି କୋଇଲା ବୋଝେଇ ପ୍ୟାକେଟକୁ ଦେଖି ତାଜୁବ ହୋଇଯାଇଥିଲେ। ତେବେ ଅଭିଯୁକ୍ତକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ବନପାଳ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମପ୍ରସାଦ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାମଚନ୍ଦ୍ର ଷଣ୍ଢଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ବେହେରା ମୁଖ୍ୟବକ୍ତା, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଲଛମନ ପରିଡା, ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗୀନ୍ଦ୍ର ନାଥ ସାହୁ, ବେଣୁଧର ପଣ୍ଡା ଓ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କର୍ମମୟ ଜୀବନ ଉପରେ ଗୁଣଗାନ କରିଥିଲେ। ସଭାର ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପଦେଷ୍ଟା ବସନ୍ତ ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବସନ୍ତ ଜୟସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସଭାରେ ଉପସ୍ଥିତ ଶିକ୍ଷକମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଶେଷରେ ଶିକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗରିବଙ୍କ ଉପରେ ମୋଦି ସରକାର ଦାଉ ସାଧୁଛନ୍ତି କାହିଁକି ?




ଭୁବନେଶ୍ୱର ତା ୧୭.୭- ଗତ ଜୁନ ୨୮ ଓ ୨୯ ତାରିଖ ଚଣ୍ଡିଗଡ଼ ଠାରେ ଦୁଇଦିନିଆ ଜିଏସ୍ଟି କାଉନସିଂଲର ୪୭ତମ ବୈଠକରେ ଚୁଡ଼ା, ମୁଢ଼ି, ଗୁଡ଼, ଦହି, ଖଇ ଓ ଉଖୁଡ଼ା ଆଦି ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀ ଉପରେ ୫% ହାରରେ ଜିଏସ୍ଟି ଲାଗୁ କରିବା ନିଷ୍ପତି ଏକ ହତଭାଗ୍ୟ ନିଷ୍ପତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛଁ। ଶ୍ରୀ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ଓଡ଼ିଶାର ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାରେ ମୁଢ଼ି ବିନା ଜୀବନ ଦୁର୍ବିସହ। କିଁ୍ତୁ ଆସଂ। କାଲି ପାଖରୁ ଏହି ଅଣବ୍ରାଣ୍ଡ ପ୍ୟାକେଟ ଦ୍ୱାରା ବିକ୍ରି ହେଉଥିବା ମୁଢ଼ି, ଗୁଡ଼, ଚୁଡ଼ା, ଦହି, ଖଇ ଓ ଉଖୁଡ଼ା ଆଦି ଉପରେ ୫% ଜିଏସ୍ଟି ଲାଗୁ ହେବ। ଦୀର୍ଘ ୮ବର୍ଷ କାଳ ଧରି କେବଳ ଘୃଣ୍ୟ ରାଜନୀତିରେ ଲିପ୍ତ ରହିବା ଛଡ଼ା ଭାରତବର୍ଷର ଅର୍ଥନୀତିକୁ ସଂପୂର୍ଣ୍ଣରୂପେ ଅଣଦେଖା କରିବା ଓ ଭୁଲ ଅର୍ଥନୈତିକ ନିଷ୍ପତି ଯୋଗୁଁ ଆଜି ଭାରତ ବର୍ଷର ଅର୍ଥନୀତି ସଂପୂର୍ଣ୍ଣ ରୂପେ ରସାତଳଗାମୀ। ମୋଦି ସରକାର କେବଳ ମନ୍ଦିର, ମସ୍‌ଜିଦ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଇଡି, ଇନକମଟେକ୍ସ ଭିତରେ ସୀମାବଦ୍ଧ ହୋଇ ରାଜନୀତି କରୁଛଁ। ଓଡ଼ିଶାର ସାଧାରଣ ଜୀବନରେ ଏ ସମସ୍ତ ଖାଦ୍ୟଦ୍ରବ୍ୟ ଅତ୍ୟାବଶ୍ୟକ ଅଟେ। ଏ ସବୁ ଉପରେ କର ଆଦାୟ କରିବା କିଭଳି ଭାବରେ ଗରିବ ଲୋକଙ୍କ ଉପରୁ ଜୋର ଜବରଦସ୍ତ କରି କର ଆଦାୟ କରି ହେବ ଏହାହିଁ ପ୍ରମାଣିତ କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବିଜୁ ଜନତା ଦଳର ଅର୍ଥମନ୍ତ୍ରୀ ସେ ମିଟିଂରେ ଉପସ୍ଥିତ ଥାଇ ମଧ୍ୟ ଏ ବାବଦରେ ଥରୁଟିଏ ବିରୋଧ କରି ନାହାଁ କାହିଁକି ? କ'ଣ ଏହା ରାଜ୍ୟର ଜନସାଧାରଙ୍କ ସ୍ୱାର୍ଥ ବିରୋଧି କି ନୁହେଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛଁ। ଏଥିରୁ ଏହା ବୁଝାପଡୁଛି ରାଜ୍ୟ ସରକାର ଜିଏସ୍ଟି କାଉନସିଲର ଏ ନିଷ୍ପତିକୁ ସମ୍ମତି ଜଣାଇଛି। ଗୋଟେ ଗଣତାନ୍ତ୍ରିକ ସରକାର ଜନସାଧାରଣଙ୍କ ପରିସ୍ଥିତିକୁ ଦେଖି କର ଆଦାୟ କରିଥାଏ। କିଁ୍ତୁ ଏବେ ସରକାର ଅଧିକରୁ ଅଧିକ କିଭଳି କର ଆଦାୟ କରାଯିବ ସେଥିପାଇଁ ଅଧିକ ତତ୍ପରତା ଦେଖାଉଛଁ। ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ତଥା ବରିଷ୍ଠ କଂଗ୍ରେସ ନେତା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ୨୦୦୫ ମସିହାରେ ମନମୋହନ ସିଂଙ୍କ ସରକାର ସମୟରେ ୩୭ ଗୋଟି ଦ୍ରବ୍ୟକୁ ଭାଟ ମୁକ୍ତ କରାଯାଇଥିଲା। ଏହିସବୁ ଦ୍ରବ୍ୟ ଗୁଡ଼ିକ ଦହି, ଲସି, ଘୋଳଦହି, କ୍ଷୀର ପ୍ୟାକେଟ, ସ୍ଲେଟ, ପ୍ଲେଟ, ମ୍ୟାପ, ଚୁଡ଼ା, ମୁଢ଼ି, ହୁଡ଼ମ, ଖଇ, ଉଖୁଡା, ମୁଆଁ, ଖଲିପତ୍ର, ସବାଇ ଘାସରୁ ପ୍ରସ୍ତୁତ ଦଉଡ଼ି, ଗହମ, ଅଟା, ଲୁଙ୍ଗି, ଗାମୁଛା, ମାଛ, ମାଂସ, ଅଣ୍ଡା ଇତ୍ୟାଦି। କିଁ୍ତୁ ଆସଂ। କାଲି ଜୁଲାଇ ୧୮ ତାରିଖ ୨୦୨୨ ମସିହା ପାଖରୁ ପ୍ରାୟ ସବୁ ଦ୍ରବ୍ୟ ଉପରେ ସରକାର ଜିଏସ୍ଟି ଲାଗୁ କରିସାରିଛଁ। ଏହି ସବୁ ଦ୍ରବ୍ୟ ମାନଙ୍କରୁ ୫% ରୁ ୧୨ % ପର୍ଯ୍ୟ' ଜିଏସ୍ଟି ଆଦାୟ କରୁଛଁ। ୨୦୧୭ ମସିହା ଜିଏସ୍ଟିକୁ ଲାଗୁ କରିବା ପାଇଁ ସେଂଟ୍ରାଲ ହଲରେ ଯେଉଁ ଐତିହାସିକ ମଧ୍ୟରାତ୍ରୀ ମିଂଟି ହୋଇଥିଲା ସେଇ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଲାବେଳେ ବାରମ୍ବାର ଗୋଟିଏ କଥାକୁ ଦୋହରାଉଥିଲେ ଯେ ଜିଏସ୍ଟି ସାଧାରଣ ଲୋକଙ୍କ ସ୍ୱାର୍ଥ, ରାଜ୍ୟର ସ୍ୱାର୍ଥ ପାଇଁ, ଦେଶର ସ୍ୱାର୍ଥ ପାଇଁ ଓ ସର୍ବୋପରି ଦେଶର ଖାଉଟିଙ୍କ ପାଇଁ। ଏହାଦ୍ୱାରା ଜିନିଷ ପତ୍ରର ଦରଦାମ ବହୁ ମାତ୍ରାରେ କମିଯିବ ଓ ସାଧାରଣ ଜନତା ଏହାର ବହୁ ସୁଫଳ ପାଇବେ କିଁ୍ତୁ ସତ୍ୟ କ'ଣ ? ଖାଲି ସେତିକି ନୁହେଁ ପାଖାପାଖି ୬ଥର କହିଥିଲେ ଯେ ଜିଏସ୍ଟି ଦ୍ୱାରା ରାଜ୍ୟ ମାନଙ୍କର ଅର୍ଥନୈତିକ ସ୍ୱାଧୀନତା କ୍ଷେତ୍ରରେ ଏହା କୌଣସି ଅ'ରାୟ ସୃଷ୍ଟି କରିବ ନାହିଁ ଏବଂ ପାଖାପାଖି ୨୭ ଥରରୁ ଅଧିକ ଏହାର ସୁଫଳ ଜନସାଧାରଣ ପାଇବେ ବୋଲି କହିଥିଲେ। ଏକ ରାଷ୍ଟ୍ର ଏକ ଟ୍ୟାକ୍ସ ବୋଲି କହିଥିଲେ। କିଁ୍ତୁ ଜିଏସ୍ଟି ଲାଗୁ ହେବା ଠାରୁ ୫ଟି ସ୍ଲାବରେ କର ଆଦାୟ କରାଯାଉଛି। ଶ୍ରୀ କାନୁନଗୋ କହିଲେ ଯେ କଂଗ୍ରେସ ସରକାର ସମୟରେ କୋଇଲା ଉପରେ ଟନ ପିଛା ୧୦୦ ଟଙ୍କାର ସେସ ବସୁଥିଲା ବେଳେ ଏବେ ୪ ଶହ ଟଙ୍କାରୁ ଅଧିକ ସେସ ମୋଦି ସରକାର ଆଦାୟ କରୁଛି। ଖାଲି ସେତିକି ନୁହେଁ ପାଖାପାଖି ୨୪ ପ୍ରକାରର ସେସ୍ କେନ୍ଦ୍ର ଆଦାୟ କରୁଛି। ଯେଉଁଥିରୁକି ରାଜ୍ୟ ଓଡ଼ିଶା ସରକାର ଏକ ଟଙ୍କାର ଭାଗ ପାଉନାହାଁ। କିଁ୍ତୁ ଓଡ଼ିଶା ସରକାର ସଂପୂର୍ଣ୍ଣ ନୀରବ ପ୍ରତିବାଦର ସ୍ୱର ନାହିଁ। ଏବେ ପର୍ଯ୍ୟ' ରାଜ୍ୟର ୮ ହଜାର କୋଟି ଟଙ୍କାର ଜିଏସ୍ଟି ବାବଦ ଅର୍ଥ କେନ୍ଦ୍ର ଦେଇ ନାହିଁ। ଏ ବାବଦରେ ଥରୁଟିଏ ନା ମୁଖ୍ୟମନ୍ତ୍ରୀ ନା ଅର୍ଥମନ୍ତ୍ରୀ କୁଆଡ଼େ ମୁହଁ ଖୋଲି ନାହାଁ। ବିଜେପି ବିଜେଡ଼ି ଉଭୟ ଏକ ରାଜନୈତିକ ଦଳ ଚିଂ। ଓ ଚେତନା। ଓଡ଼ିଶାର ଜନସାଧାରଙ୍କ ଦୁଃଖ, ସମସ୍ୟା ତାଙ୍କ ପାଇଁ ପ୍ରାଥମିକତା ନୁହେଁ। ରାଜନୈତିକ ନାଟକବାଜି କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ। ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ଯେ ସବକା ସାଥ ଡିଣ୍ଡିମ ପିଟୁଥିବା ସରକାର ସମସ୍ତଙ୍କ ସାଥିରେ ନାହାଁ। ମୋଦି ସରକାର କେବଳ ଧନୀକ ଶ୍ରେଣୀର ସାଂଗରେ ଅଛଁ। ୫% ଜିଏସ୍ଟି ଅଟା, ଚୁଡ଼ା, ଦହି, ଲହୁଣି, ଗୁଡ଼ ଓ ଖଇ ଉପରେ ଯେତେବେଳେ ଲଗାଯାଇ ପାରୁଛି କିଁ୍ତୁ ସେହି ସମୟରେ ଜୁଆଖେଳ, ଘୋଡ଼ାଦୌଡ଼ ପ୍ରତିଯୋଗିତା ଏବଂ ଲଟେରି ଉପରେ ଜିଏସ୍ଟି ଟିକସ ବସାଇବା ନିଷ୍ପତି ନେଇପାରୁ ନାହିଁ। କିଁ୍ତୁ ଗରିବଙ୍କ ଉପରେ ଜିଏସ୍ଟି ଲଗାଇବା ନିଷ୍ପତି ଅତିଶୀଘ୍ର ନେଇପାରୁଛି। ଲଗାତାର ଭାବରେ ଖାଉଟି ସୂଚକାଙ୍କ ମୂଲ୍ୟ ଅହେତକୁ ବୃଦ୍ଧି ସତ୍ତ୍ୱେ ମୁଦ୍ରା ସ୍ଫିତି ୭%ରୁ ଅଧିକ ଥିଲା ବେଳେ ଏହି ନିଷ୍ପତି କାହା ସ୍ୱାର୍ଥରେ ବୋଲି ପଚାରିଛଁ। ଯଦି ଏହି ନିଷ୍ପତିକୁ କେନ୍ଦ୍ର ସରକାର ଅତିଶୀଘ୍ର ପ୍ରତ୍ୟାହାର ନକରଁ ତାହାହେଲେ କଂଗ୍ରେସ ସାରା ରାଜ୍ୟରେ ଏହା ବିରୋଧରେ ଜନଆନ୍ଦୋଳନ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାଁ, ଅମୀୟ ପାଣ୍ଡବ ଓ ଗଣମାଧ୍ୟମ ସଂଯୋଜକ ଶ୍ରୀ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।




# ୬ ନମ୍ବର ୱାର୍ଡର ଅଙ୍ଗନବାଡି ଗୃହ ନିର୍ମାଣ ସମେତ ବିଭିନ୍ନ ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ




ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୬ ନମ୍ବର ୱାର୍ଡର ଅଙ୍ଗନବାଡି କେନ୍ଦ୍ରଗୁଡିକର ଗୃହ ନିର୍ମାଣ ସମେତ ଅନ୍ୟାନ୍ୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ ୱାର୍ଡ କଂଗ୍ରେସ ତରଫରୁ ଦାବି କରାଯାଇଛି । ଗତ ୧୯ ତାରିଖରେ ୱାର୍ଡ କଂଗ୍ରେସର ଏକ ପ୍ରତିନିଧି ଦଳ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ମହାନଗର ନିଗମ କାର୍ଯ୍ୟାଳୟ ଠାରେ ଅତିରିକ୍ତଜିଲ୍ଲାପାଳ ତଥା କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଉପରୋକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ୱାର୍ଡରେ ଥିବା ୯ଟି ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ କେବଳ ରାମନଗର ଠାରେ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ କେଶରୀ ନଗର ଓ ଶାନ୍ତିନଗର ଠାରେ ୨ଟି ମହିଳା ସମିତି ଗୃହରେ ଚାଲିଥିବା ଅଙ୍ଗନବାଡି କେନ୍ଦ୍ର ସମ୍ପ୍ରତି ମରାମତିର ଆବଶ୍ୟକତା କରୁଛି ବୋଲି କମିଶନରଙ୍କୁ ଅବଗତ କରାଇଥିଲେ । ସେହିପରି ଏଫ୍‌ସିଆଇ ବସ୍ତିଠାରେ ଅଙ୍ଗନବାଡି କେନ୍ଦ୍ର ପାଇଁ ଗୃହ ନିର୍ମାଣ ଆରମ୍ଭ ହୋଇଥିଲେ ହେଁ ଏହା ଉପର ଦେଇ ବିଦ୍ୟୁତ୍ ବିଭାଗର ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଯାଇଥିବାରୁ ତାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘମାସ ଧରି ଅଟକି ରହିଛି ବୋଲି ପ୍ରତିନିଧି ଦଳ ପ୍ରକାଶ କରି ଏହି ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ । ନେତାଜୀ ନଗର ଓ ବାପୁଜୀ ନଗର ଠାରେ ଖୋଲିଥିବା ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ବେଳେ ଜେଲ୍ ରୋଡରେ ଖୋଲିଥିବା ମିନି ଅଙ୍ଗନବାଡି କେନ୍ଦ୍ରର ମଧ ନିଜସ୍ୱ ଗୃହ ନାହିଁ ବୋଲି କହିଥିଲେ । ସେହିପରି ବ୍ୟାସନଗର ଅଙ୍ଗନବାଡି କେନ୍ଦ୍ର ମଧ ସମ୍ପୃକ୍ତ କେନ୍ଦ୍ରର କର୍ମୀଙ୍କ ଘରେ ପରିଚାଳିତ ହେଉଥିବା ବେଳେ ଲକ୍ଷ୍ମୀନଗରଠାରେ ତ୍ରିନାଥ ନଗର ନାଁରେ ଖୋଲିଥିବା ଅଙ୍ଗନବାଡି କେନ୍ଦ୍ରଟି ଗୃହ ଅଭାବରୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପରିଚାଳିତ ହେଉଛି । ଅଙ୍ଗନବାଡି କେନ୍ଦ୍ରଗୁଡିକ ଏଭଳି ଦୟନୀୟ ଅବସ୍ଥାରେ ଚାଲିଥିବା ବେଳେ ସମ୍ପୃକ୍ତ କେନ୍ଦ୍ରଗୁଡିକ ପାଇଁ ଗୃହ ନିର୍ମାଣ ଓ ଆବଶ୍ୟକୀୟ ଶୌଚାଳୟ ନିର୍ମାଣ ସହ ପ୍ରତ୍ୟେକ କେନ୍ଦ୍ରକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବାକୁ ପ୍ରତିନିଧି ଦଳ ଏହି ଅବସରରେ କମିଶନରଙ୍କ ନିକଟରେ ଦାବି କରିଥିଲେ । ସେହିପରି ୬ ନମ୍ବର ୱାର୍ଡର ନେତାଜୀ ନଗରଠାରୁ ବ୍ୟାସନଗର ପର୍ଯ୍ୟନ୍ତ ପାହାଡ ପାର୍ଶ୍ୱରେ ଦୀର୍ଘବର୍ଷ ତଳେ କେତେକାଂଶରେ ନିର୍ମିତ ହୋଇଥିବା ନାଳି ଭାଙ୍ଗିରୁଜି ଯିବା ସହ ପୋତି ହୋଇଯାଇଥିବାରୁ ଏକ ନୂତନ ବୃହତ ନାଳି ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ପ୍ରତିନିଧି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରି ଏହାଉପରେ ଆଲୋଚନା କରିଥିଲେ । ଆବଶ୍ୟକୀୟ ନାଳି ଅଭାବରୁ ବସ୍ତିବାସୀଙ୍କ ମଇଳା ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବାର ପରିଲକ୍ଷିତ ହେଉଛି, ଯାହାକି ଉକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ବୋଲି କହିଥିଲେ । ଲେବର ଟେନାମେ□ ଠାରେ ମହାନଗର ନିଗମ ତରଫରୁ ଦୀର୍ଘବର୍ଷ ତଳେ ନିର୍ମିତ କମ୍ୟୁନିଟି ସେ□ର ଅଞ୍ଚଳବାସୀଙ୍କ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆବଶ୍ୟକତା ପୂରଣ କରୁଥିବାରୁ ଏହାର ସମ୍ପ୍ରସାରଣ କରିବା ସହ ଏକ ଡାଇନିଙ୍ଗ ହଲ୍ ନିର୍ମାଣ କରିବା ପାଇଁ ପ୍ରତିନିଧି ଦଳ କମିଶନରଙ୍କ ନିକଟରେ ଦାବି କରିଥିଲେ । ଏ ସମସ୍ତ ପ୍ରସଙ୍ଗ ଉପରେ କମିଶନର ଅବଗତ ହୋଇ ସମସ୍ୟା ସମ୍ପର୍କରେ ଆବଶ୍ୟକୀୟ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ସେନାପତିଙ୍କ ସମେତ ୱାର୍ଡ କଂଗ୍ରେସ ସଭାପତି ଚତୁର୍ଭୁଜ ସାମଲ, ବ୍ଲକ୍ କଂଗ୍ରେସ ଉପସଭାପତି ଅଭିମନ୍ୟୁ ଦାସ, ଜିଲ୍ଲା କଂଗ୍ରେସ କାର୍ଯ୍ୟନିର୍ବାହୀ ଜିତେନ୍ଦ୍ର ଦାସ, ମତ୍ସ୍ୟଜୀବୀ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ବେହୁରିଆ, ୱାର୍ଡ ଯୁବନେତା କଳିଙ୍ଗଶ୍ରୀ ସାହୁ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବବ୍ରତ ବିହାରୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଦ୍ରୌପଦୀ ମୁର୍ମୁଙ୍କ ବିପୁଳ ବିଜୟ ପାଇଁ ପୂଜାର୍ଚ୍ଚନା କଲେ ସଦର ବିଜେପି କର୍ମୀ

ବାଲେଶ୍ୱର (ପିଏନ୍): ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଓଡିଶା ମାଟିର ଝିଅ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବିପୁଳ ବିଜୟ ପାଇଁ ବିଜେପି ପକ୍ଷରୁ ସବୁଆଡେ ପୂଜାର୍ଚ୍ଚନା ଚାଲିଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜେଲ ରୋଡ ସ୍ଥିତ ସଦର ବିଜେପି କାର୍ଯ୍ୟାଳୟରେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ହୋମ ଯଜ୍ଞ, ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି । ବୈଦିକ ବାତାବରଣ ଭିତରେ ଦ୍ରୌପଦୀ ମୁର୍ମୁଙ୍କ ବିପୁଳ ବିଜୟ ପାଇଁ ସଦର ବିଜେପିର କାର୍ଯ୍ୟକର୍ତ୍ତା ମାନେ ସମସ୍ତେ ଏକତ୍ରିତ ହୋଇ ଭଗବାନଙ୍କଠାରେ ପ୍ରାର୍ଥନା କରିଥିଲେ । ବାଲେଶ୍ୱର ଜିଲ୍ଲାର ପାଖ ରାଇରଙ୍ଗପୁରରୁ ରାଇସିନା ହିଲ ଯାତ୍ରା ତାଙ୍କର ମଙ୍ଗଳମୟ ହେଉ । ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଘୋଷଣା ହେବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ । ସ୍ୱାଧୀନ ଭାରତର ପ୍ରଥମ ଜନଜାତି ମହିଳା ଏବଂ ପ୍ରଥମ ଓଡିଆ ରାଷ୍ଟ୍ରପତି ଭାବରେ ଶ୍ରୀମତି ମୁର୍ମୁଙ୍କୁ ଏହି ଗରିମାମୟ ପଦବୀ ପାଇଁ ପ୍ରାର୍ଥୀ ଚୟନ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ଅଶେଷ ଧନ୍ୟବାଦ ଦେଇ ଜନଜାତି ପରିବାରରୁ ଆସିଥିବା ଶ୍ରୀମତୀ ମୁର୍ମୁ ଜୀବନବ୍ୟାପୀ ଗରିବ ଓ ଅସହାୟଙ୍କ ପାଇଁ ସେବା କରିଛନ୍ତି ଏବଂ ତାଙ୍କର ପ୍ରଶାସନିକ କ୍ଷେତ୍ରରେ ମଧ ଭଲ ଅଭିଜ୍ଞତା ରହିଛି ।




ତେଣୁ ଓଡିଶାର ସ୍ୱାଭିମାନ ଓ ଗରିମାକୁ ବଜାୟ ରଖିବା ପାଇଁ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବିପୁଳ ଭୋଟରେ ବିଜୟ କରାଇବା ପାଇଁ ଦେଶବାସୀ ସମ୍ମିଳିତ ପ୍ରାର୍ଥନା କରିବାକୁ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ଗୟାଧର ବେହେରା, କାଉନସିଲର ରୋଜାଲିନ ପାଣି ଓ ସସ୍ମିତା ନାଥ, ସରପଞ୍ଚ ରବିନାରାୟଣ ପ୍ରଧାନ, ବେଣୁଧର ପରିଡା, ସମିତିସଭ୍ୟା ମାମନି ଜେନା, ଅଶୋକ ଦାସ, ହରେନ୍ଦ୍ର ପ୍ରଧାନ, ମହିଳା ନେତ୍ରୀ ସଂଯୁକ୍ତା ମହାପାତ୍ର, ଆଶାଲତା ବାଡି, ମଧୁଶ୍ରୀ ମିଶ୍ର, ଶ୍ରୀୟା ଦାସ, ସସ୍ମିତା ଶୁକ୍ଳା, ଝରଣା ଦାସ, ସ୍ୱର୍ଣ୍ଣପ୍ରିୟା ନାଥ, ଅନିତା ଦାସ, ମଣ୍ଡଳ ସଭାପତି କାର୍ତ୍ତିକ ରାଉତ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଅରୁପ ଜେନା ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପବନ କାମିଲା ଓ ଦୁର୍ଗା ବେହେରା, ତପନ ବେହେରା, ପି□ୁ ପୋଦ୍ଦାର, ବୃନ୍ଦାବନ ରାଉତ, ମ□ୁ ବାସନ୍ତିଆ, ମାୟାଧର ପ୍ରଧାନ, ଜୀବନ ପାଣି, ସଞ୍ଜୀବ ପ୍ରଧାନ, ଅନିଲ ମହାନ୍ତି, ପ୍ରତାପ ପ୍ରଧାନ, ଶକ୍ତିଶଙ୍କର ପାଣିଗ୍ରାହୀ, ଜିତେନ୍ଦ୍ର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବରୁଣେଇ ପାଇକ ସ୍ମାରକୀ ପାଇଁ କ୍ୟାବିନେଟ୍ ମଂଜୁରି




ଖୋର୍ଦ୍ଧା (ପିଏନ୍): ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ସ୍ମାରକୀ ସ୍ଥାପନ ପାଇଁ ରାଜ୍ୟ ସରକାର ଜାଗା ଯୋଗାଇଥିବା ନେଇ ଖୋର୍ଦ୍ଧାରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି । ୧୮୧୭ ପାଇକ ବିଦ୍ରୋହକୁ ଜାତୀୟ ସ୍ତରରେ ସ୍ୱୀକୃତି ଦେବା ପାଇଁ ସଂଗଠନ ପକ୍ଷରୁ କରାଯାଇଥିବା ପ୍ରୟାସ ଶେଷରେ ସଫଳ ହୋଇଛି । ପାଇକ ସ୍ମାରକୀ ନିର୍ମାଣ ପାଇଁ ବରୁଣେଇ ପାଦଦେଶରେ ୯.୬୮୫ ଡିସିମିଲ ଜମି କେନ୍ଦ୍ର ସଂସ୍କୃତି ବିଭାଗକୁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମଂଜୁରୀ ମିଳିଛି । ଏଥିପାଇଁ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଏକ ବୈଠକ କରାଯାଇ ରାଜ୍ୟ ସରକାର ତଥା ମୁଖ୍ୟମଂତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରାଯାଇଛି । ସୂଚନାଯୋଗ୍ୟ, ପ୍ରଧାନମଂତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ପାଇକ ବିଦ୍ରୋହକୁ ରାଷ୍ଟ୍ରୀୟ ସ୍ତରରେ ମାନ୍ୟତା ଦେବାପାଇଁ ଚାଲିଥିବା ପ୍ରୟାସ ସାକାର ହେବାକୁ ଯାଉଥିବାରୁ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରାଯାଇଛି । ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଛନ୍ତି ଯେ, ବରୁଣେଇରେ ପାଇକ ସ୍ମାରକୀ ନିର୍ମାଣ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ବୀର ଯୋଦ୍ଧା ତଥା ଶହୀଦମାନଙ୍କ ପ୍ରତି ଉଚିତ ଶ୍ରଦ୍ଧାଂଜଳି ହେବ । ଏହି ବୈଠକରେ ସଂଗଠନର ମୁଖ୍ୟ ଉଦ୍ୟୋକ୍ତା ଇଂ ଶିଶିର କୁମାର ନାୟକ କହିଥିଲେ ଯେ, ବହୁ ଆନ୍ଦୋଳନ ତଥା ସଂଘର୍ଷ ପରେ ଏହି ଜମି ମିଳିଛି । ଉପଲବ୍ଧିର ଏହା ପ୍ରଥମ ପାହାଚ, ଆହୁରି ଅନେକ ପାହାଚ ବାକି ଅଛି । ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ରମଜାନ୍ ଖାଁ, ଅଟଳ ସାମନ୍ତ, ଗତିକୃଷ୍ଣ ଉତ୍ତରକବାଟ, ଧରଣୀଧର ଛୋଟରାୟ, ସୁଷମା ପ୍ରଧାନ, ଅବଦୁଲ କାଲାମ ଆଜାଦ୍, ପ୍ରଦୀପ ବିଶ୍ୱାଳ, ରମେଶ ପାତାଳସିଂହ ପ୍ରମୁଖ ଯୋଗଦେଇ ଯଥାଶୀଘ୍ର ପାଇକ ସ୍ମାରକୀ କାର୍ଯ୍ୟ ଆରଂଭ କରାଯିବା ନେଇ ଆଲୋଚନା କରିଥିଲେ । ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ସଂଯୋଜକ ଶ୍ରୀରଂଜନ ମଙ୍ଗରାଜ, ବକ୍ସି ଜଗବଂଧୁ ସ୍ମାରକ ମଂଚର ସମ୍ପାଦକ ସମରେନ୍ଦ୍ର ବଳିଆରସିଂହ, ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପ-ସଭାପତି ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ବିଳମ୍ବରେ ହେଲେ ମଧ୍ୟ ଶେଷରେ ସରକାର ପାଇକମାନଙ୍କ ନ୍ୟାଯ୍ୟ ଦାବିକୁ ମାନିନେଇଛନ୍ତି ବୋଲି ସେମାନେ କହିଛନ୍ତି । ସୂଚନାଯୋଗ୍ୟ, ୨୦୧୭-୧୮ ମସିହାରେ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ ପାଇକ ବିଦ୍ରୋହର ଦୁଇଶତ ବର୍ଷ ପୂର୍ତ୍ତି ପାଳନ ପାଇଁ କେନ୍ଦ୍ର ବଜେଟରେ ୨୦୦କୋଟି ଟଂକାର ବ୍ୟୟବରାଦ କରିଥିଲେ । ବରୁଣେଇ ପାଦଦେଶରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ ସ୍ମାରକୀ ନିର୍ମାଣ ହେଉଥିବାବେଳେ ଫାଉଣ୍ଡେସନ ୯୦ କୋଟି ଟଂକା ଯୋଗାଇଦେବ ବୋଲି ଘୋଷଣା କରିଥିଲା । ଏହାପରେ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ଡିସେମ୍ବର ୮ ତାରିଖରେ ବରୁଣେଇ ଠାରେ ପାଇକ ସ୍ମାରକୀର ଶିଳାନ୍ୟାସ କରିଥିଲେ । ତେବେ ସଂସ୍କୃତି ବିଭାଗକୁ ଜାଗା ହସ୍ତାନ୍ତର ହୋଇପାରୁନଥିବାରୁ ସ୍ମାରକୀ ନିର୍ମାଣରେ ବିଳମ୍ବ ଘଟିଥିଲା ।

# ମୁଣ୍ଡୁଳାଠାରେ ୭୩ତମ ବନ ମହୋତ୍ସବ ସପ୍ତାହ ପାଳିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ବନ ଖଣ୍ଡ ଅନ୍ତର୍ଗତ ଭୂୟାଁ ଜୁଆଙ୍ଗ ପୀଢ ରେ ଅନ୍ତର୍ଗତ ମୁଣ୍ଡୁଳା ଠାରେ ବନବିଭାଗ ପକ୍ଷରୁ ୭୩ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବନୀକରଣ କାର୍ଯ୍ୟକ୍ରମରେ ସାହାରପୁର ସରପ ରିତ୍ ଦେହୁରୀ, ୱାର୍ଡ ମେମ୍ବର ସୁଭଦ୍ରା ପରିହାଳ,ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ/ସଦସ୍ୟା, ଭୂୟାଁ ଜୁଆଙ୍ଗ ପୀଢ ରେର ମାନସ କୁମାର ମୁର୍ମୁ, କାଂଜିପାଣି ଫରେଷ୍ଟର ବିଦ୍ୟାଧର ବେହେରା, ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ବେହେରା, ଗଣ୍ଡିଯୋଡା ଫରେଷ୍ଟ ବିଟ୍‌ର ଫରେଷ୍ଟ ଗାର୍ଡ ସ୍ୱାଗତିକା ପଟ୍ଟନାୟକ, ଲତା ବନ ସୁରକ୍ଷା ସମିତିର ସଦସ୍ୟ ବନୀକରଣରେ ସାମିଲ ହୋଇଥିଲେ । ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବନ ମହୋତ୍ସବ ୭ ତାରିଖରେ ଶେଷ ହୋଇଥିଲା । ଏହି ସମୟ ମଧ୍ୟରେ ଆଦିବାସୀ ଜନଜାତିଙ୍କ ଜୀବିକାରେ ସହାୟକ ହେଉଥିବା ବୃକ୍ଷ ଅଧିକ ପରିମାଣର ରୋପଣ କରାଯାଉଛି । ୧ ତାରିଖ ଦିନ ଲୁଙ୍ଗାଝର ପାହାଡରେ ୩୨.୨୬ ହେକ୍ଟର ଜମିରେ ୩୨୦୦୦ ଚାରା କ୍ଷତିପୂରଣ ବନୀକରଣ କରାଯାଇଛି, ୨ ତାରିଖ ଦିନ କାଦକଳା ହାଇସ୍କୁଲ ପରିସରରେ ବନୀକରଣ, ୩ ତାରିଖ ଦିନ କୁଅଁର ଡିପିଏଫ୍ ଜଙ୍ଗଲରେ ୫୦ ହେକ୍ଟର ଜମିରେ ୧୦୦୦୦ ଚାରା ବନୀକରଣ ଏବଂ ୪ ତାରିଖ ଦିନ ମୁଣ୍ଡୁଳା ସଂରକ୍ଷିତ ଜଙ୍ଗଲରେ କ୍ଷତିପୂରଣ ବନୀକରଣ ସ୍କିମରେ ୨୬ ହେକ୍ଟର ଜଙ୍ଗଲ ଜମିରେ ୧୦୪୦୦ ଚାରା ବନୀକରଣ କରାଯାଇଛି । ଏହି ବନୀକରଣରେ ଆମ୍ବ, ଜାମୁ, ପଣସ, ତେନ୍ତୁଳି, ଅଁଳା, କୁସୁମ, ନିମ୍ବ, ବେଲ, କର ଆଦି ଫଳ ଚାରା ସମେତ ଔଷଧ ଓ ତୈଳ ଉତ୍ପାଦକାରୀ ବୃକ୍ଷ ଅଧିକ ଲଗାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାରେ ସହାୟକ ହୋଇପାରିବ ବୋଲି ଭୂୟାଁ ଜୁଆଙ୍ଗ ପୀଢ ରେର ମାନସ କୁମାର ମୁର୍ମୁ ସୂଚନା ଦେଇଛନ୍ତି । ଭୂୟାଁ ଜୁଆଙ୍ଗ ପୀଢ ପକ୍ଷରୁ ଚାରା ବିତରଣ କାର୍ଯ୍ୟକ୍ରମ ବାଂଶପାଳ ଏବଂ କାଂଜିପାଣିଠାରେ ଆରମ୍ଭ ହୋଇ ଉଦ୍ୟାନ କୃଷି ପାଇଁ ମାଗଣାରେ ଚାରା ବ□ନ ହେଉଛି । ବାଂଶପାଳ ଏବଂ ତଣ୍ଡିଯୋଡା ନର୍ସରୀରେ ମଧ ବିଭିନ୍ନ କିସମର ୧୮ ମାସିଆ ଚାରା ବିତରଣ କରାଯାଉଛି । ବନ ମହୋତ୍ସବ ସପ୍ତାହ ଅବସରରେ ୫ ତାରିଖ ଦିନ ଜଳଡିହିଠାରେ ବନ୍ୟସିଲକ୍ ରେ ଟସର ଚାଷ ପାଇଁ ଲୋକଙ୍କ ଜୀବନ ଜୀବିକାରେ ସହାୟକ ହେଉଥିବା ଅର୍ଜୁନ, ଅସନ, ଶାଳ, ଜାମୁ ଆଦି ଚାରା ବନୀକକରଣ କରାଯାଇଥିଲା, ୬ ତାରିଖ ଦିନ ପୋଡାଡିହି ଠାରେ ୨୧୦ ହେକ୍ଟର ଜମିରେ ୨୪ହଜାର ଗଛ କ୍ଷତିପୂରଣ ବନୀକରଣ ସ୍କିମରେ ବନୀକରଣ କରାଯାଇଥିଲା ଏବଂ ୭ ତାରିଖ ଦିନ ପଣସୁଆଠାରେ କ୍ଷତିପୂରଣ ବନୀକରଣ ସ୍କିମରେ ୧୧ ହେକ୍ଟର ଜମିରେ ୪୭୦୦ ଚାରା ବନୀକରଣ କରାଯାଇଥିଲା ବୋଲି ଭୂୟାଁ ଜୁଆଙ୍ଗ ପୀଢ ରେର ମାନସ କୁମାର ମୁର୍ମୁ ସୂଚନା ଦେଇଛନ୍ତି । ୭୩ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଲୋକମାନଙ୍କୁ ସଚେତନ ଉଦ୍ଦେଶ୍ୟରେ ସୂଚନାପତ୍ର ପ୍ରଦାନ କରାଯାଇଥିଲା ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବରିଷ୍ଠ ଏଲଆଇସି ଏଜେ□ଙ୍କର ଅକାଳ ମୃତ୍ୟୁ



କୋଣାର୍କ (ପିଏନ୍)-କୋଣାର୍କ ଏନଏସି ଅନ୍ତର୍ଗତ ୧୦ନମ୍ବର ୱାର୍ଡ ରାଣୀହାଟ ସାହିର ବାସିନ୍ଦା ପ୍ରଫୁଲ୍ଲ ଚନ୍ଦ୍ର ମୁଦୁଲିଙ୍କର ୫୫ବର୍ଷ ବୟସରେ ଗତ ୧୮ ତାରିଖ ସୋମବାର ବିଳମ୍ବିତ ରାତିରେ ଅକାଳ ମୃତ୍ୟୁ ହୋଇଯାଇଛି । ଘଟଣାରୁ ପ୍ରକାଶ, ଦିବଂଗତ ପ୍ରଫୁଲ୍ଲ ଅସୁସ୍ଥତା କାରଣରୁ ଗତ କିଛିଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ରହି ଚିକିତ୍ସିତ ହେଉଥିଲେ । ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୮ତାରିଖ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବାମାତ୍ରେ କୋଣାର୍କ ଏବଂ ତାଙ୍କ ପୈତୃକ ଗ୍ରାମ ଝିଙ୍କିରିଆରେ ଶୋକର ଛାୟା ଖେଳିଯାଇଥିଲା । ମଙ୍ଗଳବାର ସକାଳେ ମରଶରୀର କୋଣାର୍କରେ ପହଞ୍ଚିବା ପରେ ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଲୋକେ ଶେଷ ଦର୍ଶନ କରିବା ପରେ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି । ଦିବଂଗତ ପ୍ରଫୁଲ୍ଲ ଦୀର୍ଘଦିନ ଧରି ଏଲଆଇସି ଏଜେ□ ଭାବେ କାର୍ଯ୍ୟ କରି ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସରଳ ସ୍ୱଭାବର ବ୍ୟକ୍ତି ଭାବେ ବେଶ ପରିଚିତ ଥିଲେ ।

# ଡାକ୍ତର ଅଲେଖ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତି ଶ୍ରଦ୍ଧାଞ୍ଜଳି




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ସୁନାମଧନ୍ୟ ଚିକିତ୍ସକ ଡାକ୍ତର ଅଲେଖ ଚନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଡା. ବିଶ୍ୱପ୍ରକାଶ କାନୁନଗୋ, ଡା. ସ୍ନେହଲତା କାନୁନଗୋ, ଡା. ନାରାୟଣ ସାହୁ, ଡା. ରଶ୍ମୀରଞ୍ଜନ ପାତ୍ର, ଡା. ବିଜୟ କୁମାର ଦାସ, ଅଧ୍ୟାପକ ଅଜୟ ସାମଲ, ଅଧ୍ୟାପକ ଅଜୟ କୁମାର ରାଉତ, ଅଧ୍ୟାପକ ମନୋରଞ୍ଜନ ଦାସ, କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଗୁରୁପ୍ରସାଦ ମହାନ୍ତି, ସମାଜସେବୀ ଗାୟତ୍ରୀ ମହାନ୍ତି, ପୂର୍ବତନ ଅର୍ବାନ ବ୍ୟାଙ୍କ ସିଇଓ ସୁଶିଲ କୁମାର ସାମଲ, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ସାହୁ, ଗୋପାଳ ମାହାଲିକ, ଶିକ୍ଷକ ନେତା ଅବନୀ କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ବିଜେପି ସଭାପତି କିଶୋର ପଣ୍ଡା, ସୁନାକର ବେହେରା, କମଳନୟନ ଦାସ, ରମାକାନ୍ତ ଦାସ, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସୋମନାଥ ସାହୁ, ସାବିର ଖାନ, ଲକ୍ଷ୍ମୀକାନ୍ତ ନାୟ. କବୟତ୍ରୀ ଅବନ୍ତୀ ବେହେରା, ଆଡଭୋକେଟ ମନୋରଞ୍ଜନ ମହାନ୍ତି, ସ୍ୱର୍ଗତ ଦାସଙ୍କ ପୁତ୍ର ସ୍ୱୟଂଭୁବ ଦାସ, ପୁତ୍ରବଧୁ ଦେବଯାନୀ ଦାସ ପ୍ରମୁଖ ଯୋଗଦେଇ ଡାକ୍ତର ଦାସଙ୍କ ଜୀବନଦର୍ଶ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ବାଗ୍‌ଦେବୀ କଳାମନ୍ଦିରର କଣ୍ଠଶିଳ୍ପୀମାନେ ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରିଥିଲେ । ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ କୈଳାସ ସାହୁ ସୁମଧୁର ଭଜନ ପରିବେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।

# ସୋହମ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାରସ୍ୱତ ସଂଗଠନ ସୋହମ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ବିଭିନ୍ନ ବୃକ୍ଷର ଚାରାରୋପଣ କରାଯାଇଛି । ପରିବେଶବିତ୍ ତଥା କବି ଡଃ. ମନୋରଞ୍ଜନ ଦାଶଙ୍କ ନେତୃତ୍ୱରେ ଅଶ୍ୱତ୍‌ଥ ଓ ବର ଆଦି ବୃକ୍ଷର ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଶେଷଜ୍ଞ ଅଂଶୁମାନ ମିଶ୍ର, ଗାୟତ୍ରୀ ଦାଶ, ପୁଷ୍ପାଞ୍ଜଳୀ କର, ବିଶ୍ୱରଞ୍ଜନ ଦାଶ, ପ୍ରାଞ୍ଜୀବନ ଦାଶ, ପାଶୁନ ଦାଶ ପ୍ରମୁଖ ଯୋଗଦେଇ ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ ।




# ପଂଚଭୂତରେ ଲୀନ ହେଲେ ଆଇଏଲଏସ ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ଡ. ଅଜୟ ପରିଡା

ଧର୍ମଶାଳା,(ପି.ଏନ): ଆଇଏଲଏସ ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ଡ. ଅଜୟ ପରିଡାଙ୍କ ଅକାଳ ବିୟୋଗ ଘଟିଥିଲା । ଆଜି ପୂର୍ବାହ୍ନରେ ପଂଚଭୂତରେ ଲୀନ ହୋଇ ଗଲା ତାଙ୍କ ପାର୍ଥିବ ଶରୀର । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ ସମ୍ପନ୍ନ ହୋଇଛି ।ନିଜ ଜନ୍ମ ମାଟି ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋତପୁର ପଂଚାୟତସ୍ଥ ଭଗବାନପୁର ଗାଁରେ କାନ୍ଦ ବୋବାଳିରେ ଦାଣ୍ଡ ଫାଟି ପଡୁଛି । ଶହଶହ ଲୋକଙ୍କ ଆଖିରେ କୋହଭରା ଲୁହ । ଆଜି ସକାଳ ସାଢେ ୧୧ଟା ସମୟରେ ଭୁବନେଶ୍ୱରରୁ ଆସି ଚଣ୍ଡିଖୋଲଠାରେ ପ୍ରଥମେ ପଂହଚିଥିଲା । ସେଠାରେ ତାଙ୍କ ପାର୍ଥୀବ ଶରୀରରେ ଚଣ୍ଡିଖୋଲ ବାର ଆସୋସିଏସନ, ଚଣ୍ଡିଖୋଲ ବସ ଆସୋସିଏସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବହୁ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେଠାରୁ ତାଙ୍କ ପାର୍ଥୀବ ଶରୀର ଜାରକାଠାରେ ପଂହଚିଥିଲା । ସେଠାରେ ତାଙ୍କୁ ବିନ୍ନ ଶିକ୍ଷାନୁଷ୍ଠାନ,କ୍ରୀଡା ସଂଗଠନ ଓ ସାହିତ୍ୟ ସଂସଦ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜାରକାରୁ ଏକ ବିଶାଳ ଶୋଭାଯାତ୍ରାରେ ପୈତୃକ ଗାଁ ଭଗବାନପୁର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ଏହି ସମୟରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ତାଙ୍କ ବାସଭବନଠାରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ,ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ,ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ,ପୂର୍ବତନ ସାଂସଦ ରୀତା ତରାଇ,ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ,ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ,ଯାଜପୁର ଜିଲାପାଳ ଚକ୍ରବର୍ତୀସିଂ ରାଠୋଡ,ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର,ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ , ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ,ଧର୍ମଶାଳା ତହସିଲଦାର,ଭାଜାପା ନେତ୍ରୀ ସ୍ମୃତିରେଖା ପହି ପ୍ରମୁଖ ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋତପୁର ସରପଂଚ,ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ନିର୍ମଳ ସାମଲ,ଅରାବଳ ପଂଚାୟତର ପୂର୍ବତନ ସରପଂଚ ନିର୍ମଳ ସାମଲଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବି ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମୀ ଉପସ୍ଥିତ ରହିଥିଲେ । ରାଷ୍ଟ୍ରୀୟ ମର୍ଯ୍ୟାଦା ସମ୍ପନ୍ନ ହେବା ପରେ ସ୍ୱର୍ଗତ ପରିଡାଙ୍କ ପୁଅ ଆଶିଷ ମୁଖ୍ୟଗ୍ନୀ ଦେଇଥିଲେ । ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର,କୋତପୁର ଫାଣ୍ଡି ଅଧିକାରୀ ଲମ୍ବୋଦର ଜେନା ପ୍ରମୁଖ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିଥିଲେ । କରୋନା ମହାମାରୀ ସମୟରେ ଓଡିଶାରେ କରୋନା ଭ୍ୟାରିଏଣ୍ଟକୁ ନେଇ ସଦାସର୍ବଦା ନୂଆ ନୂଆ ତଥ୍ୟକୁ ସେ ସମ୍ନାକୁ ଆଣି ଚର୍ଚ୍ଚାରେ ରହିଥିଲେ । କୋଭିଡକୁ ନେଇ ଗବେଷଣା ଜାରି ରଖିଥିଲେ । ଆସାମର ଗୌହାଟିରେ ଏକ କନଫରେନ୍ସରେ ଯୋଗ ଦେବା ପାଇଁ ଯାଉଥିବା ସମୟରେ ହୃଦଘାତର ଶିକାର ହୋଇ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ସଂଗେସଂଗେ ମେଡିକାଲକୁ ନେଇଥିଲେ । ହେଲେ ସେତବେଳକୁ ତାଙ୍କର ପରଲୋକ ହୋଇଯାଇଥିଲା ।୧୯୮୩ ମସିହାରେ ଅଜୟ ପରିଡା ଭଗବାନପୁର ଗ୍ରାମରେ ଜନ୍ମ ଲାଭ କରିଥିଲେ । କୋତପୁର ମା' ଜାଗୁଳାଇ ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ ପରେ ୧୯୮୨ ମସିହାରେ ରେଭେନ୍ସା କଲେଜରେ ବିଏସି ପାଠ ପଢିଥିଲେ । ୧୯୮୪ ମସିହାରେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ଏମଏସ୍ସି ପାସ୍ ପରେ ୧୯୯୨ ମସିହାରେ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ ପିଏଚ୍ଡି ଲାଭ କରିଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଉଲ୍ଲେଖନୀୟ ସଫଳତା ପାଇଁ ୨୦୧୪ ମସିହାରେ ପଦ୍ମଶ୍ରୀ ଉପାଧିରେ ସମ୍ମାନୀତ କରାଯାଇଥିଲା । ୨୦୧୭ ମସିହାରେ ଆଏଲଏସର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଥିଲେ । କୃଷି,ଉଦ୍ଭିଦ ମଲିକୁଲାର ଜୀବ ବିଜ୍ଞାନ ଏବଂ ବାୟୋଟେକନୋଲୋଜି କ୍ଷେତ୍ରରେ ତାଙ୍କ ଅବଦାନ ଥିଲା ଉଲ୍ଲେଖନୀୟ । କେବଳ ସେତିକି ନୁହେଁ କରୋନା ବିରୋଧୀ ଲଢେଇରେ ତାଙ୍କର ରହିଥିଲା ମୁଖ୍ୟ ଭୂମିକା ।

## ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଜାମୁବଣିଆ ଗ୍ରାମରେ ଆଜି ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନ ମୁତାବକ ଜାମୁବଣିଆ ଗ୍ରାମର ଗଗନ ବିହାରୀ ଦତଙ୍କ ପୁଅ ସାଇସ୍ୱରୁପ ଦତ(୨୫) ଏମବିଏ ପାସ କରି ନାୟାଗଡସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚାକିରୀ କରିଥିଲେ । କିଛିଦିନ ତଳେ ସେ ଗାଁକୁ ଆସି ଘରେ ରହୁଥିଲେ । ମାତ୍ର କିଛି ଦିନ ହେଲା ସେ କୌଣସି କାରଣକୁ ନେଇ ମାନସିକ ଚାପରେ ରହୁଥିଲେ । ହେଲେ ଆଜି ସେ ତାଙ୍କର ନୂତନ ଭାବେ ନିର୍ମାଣ ହୋଇଥିବା ଘରେ ଭିତରୁ କବାଟ କିଳି ବେକରେ ଗାମୁଛା ଲଗାଇ ଘର ସିଲିଂରେ ଓହଳି ପଡିଥିଲେ । ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ଘଟଣା ସ୍ଥଳରେ ପହଁଚି ୨୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ବଡଚଣା ପଠାଇ ଘଟଣାର ତଦନ୍ତ ଚଳାଇଛି ।

## ଚୋରୀ ବ୍ୟାଟେରୀ ଉଦ୍ଧାର ୨ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଗ୍ରାମରେ ଏକ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରୀ ଅଭିଯୋଗରେ ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ଚୋରୀ ବ୍ୟାଟେରୀ ଜବତ କରିଛି । ସୂଚନା ମୁତାବକ ରେଖିଦେଇପୁର ଗ୍ରାମର ଟ୍ରାକ୍ଟର ମାଲିକ ଅଶୋକ କୁମାର ମଲ୍ଲଙ୍କ ଘର ସାମ୍ନାରେ ରହିଥିବା ତାଙ୍କର ନଂ ଓଆର-୦୪ଏଚ -୮୨୪୮ ରହିଥିଲା ବେଳେ କେହି ଦୁର୍ବୃତ ଟ୍ରାକ୍ଟର ଗାଡିରୁ ବ୍ୟାଟେରୀ ଖୋଲି ନେଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୯୫/୨୨ରେ ଏକ ମାମଲା ରୁଜୁ କରି ସେହି ଗ୍ରାମର ବିଚିତ୍ର କୁମାର ମଲ୍ଲ(୪୫) ଓ ମାନସ ପରିଡା (୨୬) କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରୀ ବ୍ୟାଟେରୀ ଉଦ୍ଧାର କରିଥିଲେ । ଉଭୟ ଅଭିଯୁକ୍ତଙ୍କୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଚାକିରୀ ହରାଇଥିବା ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଏବଂ ବକେୟା ପ୍ରାପ୍ୟ ଦାବୀ

କେନ୍ଦୁଝର , (ପି.ଏନ): ଏସିଆ ମହାଦେଶରେ ସର୍ବପ୍ରଥମ ସ୍ପଞ୍ଜ ଲୁହା କାରଖାନା ଭାବେ ପରିଚିତ ଓଡିଶା ସ୍ପଞ୍ଜ ଆଇରନ କାରଖାନା , ଦୀର୍ଘ ବର୍ଷ ଧରି ବନ୍ଦ ରହିବା ପରେ ଅନ୍ୟ ଏକ ମାଲିକାନାରେ ପୁଣି ଆରମ୍ଭ ହୋଇଥିବା ବେଳେ ଏହି ଓଡିଶା ସ୍ପଞ୍ଜ ଆଇରନ କାରଖାନା ରେ ପୂର୍ବରୁ କାମ କରୁଥିବା ଅଫିସର ମାନେ କାରଖାନାରେ ପୁନଃ ନିଯୁକ୍ତି ଦାବୀ କରିଛନ୍ତି । ଅଶୀଦଶକରେ କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗାଠାରେ ପ୍ରତିଷ୍ଠା ଲାଭ କରିଥିବା ଏହି ଓଡିଶା ସ୍ପଞ୍ଜ ଆଇରନ କାରଖାନା ପରିଚାଳନାଗତ ତୃଟି କାରଣରୁ ୨୦୧୨ ମସିହା ଅକ୍ଟୋବର ମାସରେ କାରଖାନା ବନ୍ଦ ହେବା ପରେ ବିଭିନ୍ନ ଜ୍ଞାନ କୌଶଳରେ ଅଭିଜ୍ଞ ଥବା ଅଧିକାରୀମାନଙ୍କୁ ଅଧା ଦରମା ଦେଇ ରଖାଯାଇଥିଲା ଏବଂ ପରବର୍ତୀ ସମୟରେ ୨୦୧୫ ରେ ଏହି ଅଧିକାରୀମାନଙ୍କୁ କୌଣସି ନୋଟିସ ଜିଆ ନ ଯାଇ ବାହାର କରି ଦିଆଯାଇଥିଲା । ବକେୟା ଦରମା, ଫିଏଫ୍ ଓ ଗ୍ରାଚ୍ୟୁଇଟି ଏବଂ ଅନ୍ୟ ସୁବିଧା ସୁଯୋଗ ବାରମ୍ବାର ଦାବୀ ସତ୍ୱେ ସେମାନେ ପାଇନଥିବାରୁ ମାନସିକ ଚାପ ମଧ୍ୟରେ ରହିଆସିଛନ୍ତି । ଏପରିକି ସେମାନେ ପାରିବାରିକ ଖର୍ଚ୍ଚ, ନିଜର ଓ ପରିବାରର ସ୍ୱାସ୍ଥ୍ୟ ଖର୍ଚ୍ଚ କରି ପାରି ନାହାଁନ୍ତି । ବୟସ ଆଧାରରେ ସେମାନଙ୍କୁ ନିଯୁକ୍ତି ଦେବାକୁ ନିବେଦନ କରିଛନ୍ତି । ଏ ନେଇ ଆଜି ଚାକିରୀରୁ ଛଟେଇ ହୋଇଥିବା ଅଧିକାରୀମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏହାର ଏକ ନକଲ ଜିଲ୍ଲା ଶ୍ରମ ଅଧିକାରୀ, ଫିଏଫ୍ କମିଶନରଙ୍କୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ସଦର ବ୍ଲକ ପଳାଶପଙ୍ଗା ପଂଚାୟତ ମୁରସୁଆଁଠାରେ ୧୫/୦୪/୨୦୨୧ରେ ଏକ ଜନଶୁଣାଣୀ ହୋଇଥିଲା । ଦୀର୍ଘ ବର୍ଷ ପରେ ଓଡ଼ିଶା ସ୍ପଞ୍ଜ ଆଇରନ୍ ପଳାଶପଙ୍ଗା ପରିସରରେ ଗ୍ରୀନଫିଲଡ ପ୍ରୋଜେକ୍ଟ ୩.୮୫ ଏମଟିପିଏ ଥ୍ରୋପୁଟ ଆଇରନ ଓର ବେନିଫିକେସନ ଏବଂ ଉତ୍ପାଦନ ଗ୍ୟାସ ପ୍ଲାଂଟଞ୍ଚ ସହିତ ୨.୦ ଏମଟିପିଏ ପେଲେଟ ପ୍ଲାଂଟଞ୍ଚ ହେଲେ ବ୍ୟାପକ କର୍ମନିଯୁକ୍ତି ହେବ ବୋଲି ଜନଶୁଣାଣୀରେ କୁହାଯାଇଥିଲା । ଏପରିକି ପୂର୍ବରୁ କାମ କରୁଥିବା ଲୋକଙ୍କୁ ପୁନଃ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା । ମାତ୍ର ଏବେ ପୂର୍ବରୁ କାମ କରୁଥିବା ଲୋକଙ୍କୁ ପୁନଃ ନିଯୁକ୍ତି ନ ଦେଇ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଅସନ୍ତୋଷ ଦେଖାଦେଇଛି । ଦୀର୍ଘବର୍ଷ ହେବ କେନ୍ଦୁଝର ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଏହି କାରଖାନାରେ କାମ କରି ନିଜର କ୍ୟାରିୟର ନଷ୍ଟ କରିଥିବା ଅଧିକାରୀମାନଙ୍କ ପାଇଁ ଶ୍ରମ ଆଇନ ଲାଗୁ ହୋଇ ନ ଥିବାବେଳ ସେମାନଙ୍କ ପରିବାର କେବଳ ଯେ ଆର୍ଥିକ ଦୁଃସ୍ଥିତିରେ ରହିଛନ୍ତି ତାହା ନୁହେଁ ଅଧିକନ୍ତୁ ମାନସିକ ଅବସାଦ ଓ ସମସ୍ୟା ମଧ୍ୟରେ ରହିଥିବା କଥା କାହାକୁ ଅଛପା ନୁହେଁ । ଏପରି ସ୍ଥଳେ ରାଜ୍ୟ ସରକାର ସିଧାସଳଖ ଏଥିରେ ହସ୍ତକ୍ଷେପ କରି ଅଧିକାରୀମାନଙ୍କୁ ନ୍ୟାୟ ଦେବାକୁ ବିଭିନ୍ନ ମହଲରୁ ବହୁଳ ମତ ପ୍ରକାଶ ପାଉଛି ।

## ଫୁଲବାଣୀ ସ୍ୱଚ୍ଛାସେବୀ ମହାସଂଘ ତାର ସାଧାରଣ ସଭା ରେ ସ୍ୱର୍ଗତ ଶଶାଙ୍କ ବାବୁ ଙ୍କ ସ୍ମୃତି ଚାରଣ

କନ୍ଧମାଳ,(ପି.ଏନ): ରିଖ ଦିନ ସ୍ୱାତୀ ବନ୍ଧଗଡ ଠାରେ ଫୁଲବାଣୀ ସ୍ୱଚ୍ଛାସେବୀ ମହାସଂଘ ର ସଭ୍ୟ ଓ ସଭ୍ୟା ମାନଙ୍କର ସାଧାରଣ ସଭା ଅନୁଷ୍ଠିତ କରାଯାଇଥିଲା । ଉକ୍ତ ବୈଠକ ରେ ପି.ଏ.ଜି ର ଅଧକ୍ଷ ରାମ ଚନ୍ଦ୍ର ଦାସ ସଭାପତିତ୍ୱ କରି ଥିଲେ । ପ୍ରଥମେ ବିଗତ ଦିନରେ ହରେଇଥିବା ସଭ୍ୟ ସ୍ୱର୍ଗତ ଶଶାଙ୍କ ଶେଖର ସାହୁ ଙ୍କ ଆତ୍ମା ଶାନ୍ତି ନିମନ୍ତେ ପି.ଏ.ଜ ର ସମସ୍ତ ମେମ୍ବର ଅଶୃଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ ଓ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଶ୍ରୀ ଶଶାଙ୍କ ଶେଖର ସାହୁ ଙ୍କ ପିତା ମହାଦେବ ସାହୁ, ଝିଅ ଅଭିଲିପ୍ସା ସାହୁ ଓ ଭାଇ ସୁଭାଶିସ ସାହୁ ତାଙ୍କର ଫୋଟରେ ପୁଷ୍ପ ମାଲ୍ୟ ଦେଇ ଥିଲେ । ସ୍ୱଗର୍ତ ଶଶାଙ୍କ ବାବୁ ସ୍ମୃତି କୁ ଆଗାମି ପିଢି ରେ ଅନୁପ୍ରାଣିତ ପାଇଁ ଏକ କର୍ମଶାଳା ହେବବୋଲି ନିସ୍ପତି ହୋଇଥିଲା ।ଏହି ପି.ଏ.ଜି ବୈଠକ ରେ ୨୦ ଟି ଅନୁଷ୍ଠାନର ମୁଖ୍ୟ ଉପସ୍ଥିତ ଥିଲେ ।

# ଜାରକା ଜଳସେଚନ ବିଭାଜନରେ ନୂତନ ଅଧିକ୍ଷଣ ଯନ୍ତ୍ରୀଙ୍କ ଯୋଗଦାନ

ଧର୍ମଶାଳା, (ପିଏନ୍): ଜାରକା ଜଳସେଚନ ବିଭାଜନରେ ଆଜି ନୂତନ ଅଧିକ୍ଷଣ ଯନ୍ତ୍ରୀ ଭାବେ ଇଂ କାମଦେବ ଦାସ ଯୋଗ ଦେଇଛନ୍ତି । ଏଠାରେ ପୁର୍ବରୁ ଥିବା ଅଧିକ୍ଷଣଯନ୍ତ୍ରୀ ଦେବାଶିଷ ପଟ୍ଟାନାୟକଙ୍କ ଏଠାରୁ ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀ କାର୍ଯ୍ୟାଳୟକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ଇଂ ଦାସ ଆଜି କାର୍ଯ୍ୟରେ ଯୋଗଦେବା ସହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଇଂ ଦାସ ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । ସେ ଆଜି କାର୍ଯ୍ୟରେ ଯୋଗଦେଇ ଚାଷ ଜମିକୁ ଜଳସେଚନ, ନଦୀବନ୍ଧ ସୁରକ୍ଷା, ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ଜାରକା ଜଳସେଚନ ସହକାରୀ ନିର୍ବାହୀଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳ, ବରୀ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପକ ପ୍ରଧାନ, ଚଣ୍ଡିଖୋଲ ଡିଭିଜନ ସହକାରୀ ନିର୍ବାହୀଯନ୍ତ୍ରୀ ଭାଗବତ ବେହେରା, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, କନିଷ୍ଠା ଯନ୍ତ୍ରୀ ନିଳକ୍ରମ ସେଠୀ, ବଦ୍ରୀ ଆଲମ, ଇତିଶ୍ରୀ ସାହୁ, ଶୋଭନିକା ମହାନ୍ତି,କୋଷାଧକ୍ଷ୍ୟ ଭାରତ ଭୂଷଣ ସ୍ୱାଇଁ, ଶିଶିର ବେହେରା, ଅମରଜ୍ୟୋତି ମହାନ୍ତି ଓ ଅକ୍ଷୟ ପାଣି ପ୍ରମୁଖ ନୂତନ ଅଧିକ୍ଷଣ ଯନ୍ତ୍ରୀ ଇଂ ଦାସଙ୍କୁ ପୁଷ୍ପଗୁଛ ଦେଇ ସ୍ୱାଗତ ଜଣାଇଥିଲେ । ସେହିପରି ପୂର୍ବତନ ଅଧିକ୍ଷଣ ଯନ୍ତ୍ରୀ ଇଂ ପଟ୍ଟନାୟକଙ୍କୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ୫ କିଲୋ ଗଞ୍ଜେଇ ଜବତ ଦୁଇ ଗିରଫ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଓ ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ଗତକାଲି ରାତିରେ ଚଢାଉ କରି ୫ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିଛି । ଗତକାଲି ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ନିଜଗଡ ଟାପଙ୍ଗ ନିକଟରୁ କାଳିଆ ଓରଫ ରତ୍ନାକର ସାହୁଙ୍କ ଠାରୁ ୩ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି । ଏହି ଚଢାଉରେ ଅବକାରୀ ବିଭାଗ ଇନିସପେକ୍ଟର ଭୈରବ ସାହୁ,ଭ୍ରାମ୍ୟମାଣ ଇନିସପେକ୍ଟର ସସ୍ମିତା ହୋତା,ଖୋର୍ଦ୍ଧା ଓଆଇସି ବି ମନୋଜ କୁମାର,ଜଟଣୀ ଓଆଇସି ଗିତାଞ୍ଜଳୀ ବେହେରା ଓ ବେଗୁନିଆ ଓଆଇସି ବିରଂଚି ନାରାୟଣ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ଟାଙ୍ଗୀ ଅବକାରୀ ବିଭାଗ ଇନିସପେକ୍ଟର ଆଲୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ ବାଣପୁର ଥାନା ଅଂଚଳର ଅଲିଡିହ ଛକ ନିକଟରୁ ବାସୁଦେବ ପ୍ରଧାନଙ୍କ ଠାରୁ ୨କେଜି ୩୦ ଗ୍ରାମ ଗେଞ୍ଜଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଛି ।

# ପରମାନନ୍ଦ ମହାବିଦ୍ୟାଳୟ ସମାଜ ବିଜ୍ଞାନବିଭାଗ ପକ୍ଷରୁ ଆଲୋଚନାଚକ୍ର

ଖୋର୍ଦ୍ଧା, (ପିଏନ): ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସମାଜ ବିଜ୍ଞାନ ପକ୍ଷରୁ ଭବିଷ୍ୟତର ବୃତିଗତ ସୁଯୋଗ ହାସଲ ପାଇଁ ସମ୍ଭାବ୍ୟ ପ୍ରସ୍ତୁତି ଶୀର୍ଷକ ଏକ ଆଲୋଚନା ଚକ୍ର ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି ।ଏ ନେଇ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସଂଯୁକ୍ତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଶିକ୍ଷାୟତନରେ ଉପଲବ୍ଧ ଶୈକ୍ଷିକ,ବୌଦ୍ଧିକ ,ଭାବଗତ ଓ ସାଂସ୍କୃତିକ ସୁଯୋଗକୁ ଛାତ୍ରଛାତ୍ରୀମାନେ ହାତ ଛଡା ନକରିବା ପାଇଁ ପରାମର୍ଶ ଦେଇଥିଲେ ।ପରେ +୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ବିଦାୟ କାଳୀନ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ସହ ଆଲୋଚନା ଚକ୍ର ସମ୍ବନ୍ଧୀୟ ନିର୍ଯ୍ୟାସ ପାଠ କରିଥିଲେ । ଛାତ୍ର ବିଶ୍ୱଜିତ ରଣସିଂହ,ଛାତ୍ରୀ ସୁଶ୍ରୀ ସୌଭାଗ୍ୟମୟୀ ସାହୁ ଓ ସ୍ଥିତପ୍ରଜ୍ଞା ଦେବୀ ସନ୍ଦର୍ଭ ପାଠ କରିଥିଲେ ।ଅଧ୍ୟାପକ ଗଣେଶ ପଣ୍ଡା ଓ ସୁନିଲ କୁମାର ସାହୁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଏହି ଅବସରରେ +୩ ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ଛାତ୍ରୀ ପ୍ରଜ୍ଞା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ବଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ଭଦ୍ରକ, (ପି.ଏନ): ବଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକମାନେ ତାଲା ପକାଇଦେବା ଫଳରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଦୀର୍ଘସମୟ ଧରି ବିଦ୍ୟାଳୟରେ ପ୍ରବେଶ କରିପାରିନଥିଲେ । ପରବର୍ତୀ ସମୟରେ ସ୍ଥାନୀୟ କାଉନସିଲର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଧୁମ ଜେନା, ପରିଚାଳନା ସମିତି ସଦସ୍ୟ ହରିହର ଚାନ୍ଦ, ଦମୟନ୍ତୀ ପଣ୍ଡା, ପ୍ରିୟଦର୍ଶିନୀ ତ୍ରିପାଠୀ, ହେମଲତା ମହାଳିକ, ଅଭିଭାବକ ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମିଳିତ ଆଲୋଚନା ପରେ ସମସ୍ୟାର ଆଶୁ ସମାଧାନ ହେବାର ପ୍ରତିଶ୍ରୁତି ମିଳିବା ପରେ ଘଟଣାର ସମାଧାନ ହୋଇଛି । ଏହି ସଂପର୍କରେ ସ୍ଥାନୀୟ ଅଭିଭାବକଙ୍କ ଅଭିଯୋଗ ମୂଳେ ଏହି ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ହେବା ପରେ ଡେପୁଟେସନରେ ଆସିଥିବା ନୂତନ ପ୍ରଧାନ ଶିକ୍ଷୟିତ୍ରୀ ସଠିକ୍ ଭାବେ ତାଙ୍କର କାର୍ଯ୍ୟ ନତୁଲାଇବା ଫଳରେ ଅଧ୍ୟୟନ, ମଧ୍ୟାହ୍ନଭୋଜନ, ବିଦ୍ୟାଳୟର ଶାନ୍ତିଶୃଙ୍ଖଳାରେ ଗୁରୁତର ବ୍ୟାହତ ଘଟିଛି । ଯେଉଁଥିପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କ ଅଧ୍ୟୟନରେ ବ୍ୟାଘାତ ଘଟିବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଉଛି । ଏ ସଂପର୍କରେ ସେମାନେ ମାସକ ପୂର୍ବରୁ ବିଦ୍ୟାଳୟ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଇ ଆସିଥିଲେ ମଧ୍ୟ କୌଣସି ସମାଧାନ ନହେବାରୁ ଆଜି ବାଧ ହୋଇ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ । ଏହାଫଳରେ ଉଭୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଖରାରେ ଦୀର୍ଘସମୟ ବାହାରେ ଠିଆ ହୋଇ ରହିଥିଲେ । ତେବେ ସଭାପତି ଓ ଅଭିଭାବକମାନଙ୍କ ଅଭିଯୋଗ ମୂଳେ ଏହି ବିଦ୍ୟାଳୟରେ ପୂର୍ବରୁ ସଠିକ୍ ଭାବେ ପରିଚାଳିତ ହୋଇଆସୁଥିବାବେଳେ ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଯୋଗୁଁ ବିଭିନ୍ନ ସମସ୍ୟା ଦେଖାଦେଇଛି । କିନ୍ତୁ ଏ ସଂପର୍କରେ ବର୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ସାହୁ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ସେ ଡେପୁଟେସନରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସ୍ଥାପିତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ବିଶ୍ୱାଳ ନିଜର ବହୁ ଦୋଷ ତ୍ରୁଟିକୁ ଘୋଡାଇବାକୁ ଯାଇ ତାଙ୍କୁ କାର୍ଯ୍ୟଭାର ଦେଉନାହାଁନ୍ତି । ଅପରନ୍ତୁ ତାଙ୍କଭଳି ୩ ଜଣ ବରିଷ୍ଠ ଶିକ୍ଷୟିତ୍ରୀ ରହିଥିଲେ ମଧ୍ୟ ଜଣେ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ଏପରିକି କାହାକୁ ନଜଣାଇ ସିଏଲ୍‌ରେ ଛୁଟିରେ ରହି ଏ ସଂପର୍କରେ ପଚାରିବାରୁ ସେ ବିଦ୍ୟାଳୟର କୌଣସି ଶିକ୍ଷୟିତ୍ରୀଙ୍କୁ ସିଏଲ୍ ଦରଖାସ୍ତ ନଦେଇ ସିଆରସିସିଙ୍କୁ ତାହା ଦେଇଥିବାର କହିବା ତାଙ୍କର ଦୋଷ ଦୁର୍ବଳତାକୁ ପଦାରେ ପକାଇଛି । ଏ ସଂପର୍କରେ ସିଆରସିସିଙ୍କୁ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ପଚାରିବାରୁ ସେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ କହିବାରୁ ସେ ତାହା ହ୍ୱାଟସ୍‌ଆପ୍‌ରେ ପଠାଇଥିବା ବିଷୟ ସଫେଇ ଦେଇଛନ୍ତି । କିନ୍ତୁ ସର୍ବୋପରି ଛାତ୍ରଛାତ୍ରୀଙ୍କୁ ଅଭିଯୋଗ ହୋଇଆସୁଥିବା ଦୁଇଟି ମୁଖ୍ୟ ପ୍ରସଙ୍ଗ ଶିକ୍ଷାଦାନ ଓ ନିମ୍ନମାନର ମଧ୍ୟାହ୍ନ ଭୋଜନ ପ୍ରଦାନ ସଂପର୍କରେ ପଚରାଯିବାରେ ସେମାନେ ତାହାକୁ ସଂପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରି ଏବେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଠିକ୍ ଭାବେ ପାଠ ପଢାଇବା ସହ ସେମାନଙ୍କର ଡାଉଟ୍ କ୍ଲିଅର କରି ନିୟମିତ ମଧ୍ୟାହ୍ନ ଭୋଜନ ଦେଉଥିବା ବିଷୟ ଗଣମାଧ୍ୟମକୁ କହିଛନ୍ତି । ଏଣୁ ଏ ସଂପର୍କରେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀ ସଠିକ୍ ଭାବେ ନିରପେକ୍ଷ ତଦନ୍ତ କରି ଏଭଳି ଏକ ବହୁ ପୁରାତନ ବିଦ୍ୟାଳୟର ଐତିହ୍ୟ ବଜାୟ ରଖିବା ସହ ଶିକ୍ଷାଦାନ ଭଳି ପବିତ୍ରତା ରକ୍ଷା ଦିଗରେ ଉଚିତ୍ ଦୃଷ୍ଟି ଦେବାକୁ ସ୍ଥାନୀୟ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି । ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ୭ ଦିନ ଭିତରେ ଦାବିଗୁଡିକ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଏହି ତାଲାପକାରୁ ସେମାନେ ଓହରିଥିଲେ ।

## ପଂଚ ପାଇକଙ୍କ ମୂର୍ତି ସ୍ଥାନାନ୍ତରଣକୁ ନେଇ ଜିଲ୍ଲାପାଳଙ୍କୁ ଦାବୀପତ୍ର

ଖୋର୍ଦ୍ଧା,(ପିଏନ)ୟ ଓଡିଶାରେ ପ୍ରଥମ ସ୍ୱାଧିନତା ସଂଗ୍ରାମୀ ଭାବେ ପାଇକ ବିଦ୍ରୋହରେ ଗଡ ଖୋର୍ଦ୍ଧା ଛକସ୍ଥିତ ପଂଚ ପାଇକ କୃତିବାସ ପାଟ୍ଟଶାଣୀ,ମାଧବ ଚନ୍ଦ୍ର ରାଉତରାୟ,ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ,ଜୟୀ ରାଜଗୁରୁ ଓ ପିଣ୍ଡିକି ବାହୁ ବଳେନ୍ଦ୍ରଙ୍କ ମୂର୍ତି ସ୍ଥାନାନ୍ତରଣକୁ ନେଇ ନାଗରିକ ମଂଚ ଜିଲ୍ଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଥିଲେ । ଏହି ପଂଚ ପାଇକ ମୂର୍ତି ଗୁଡିକ ୧୯୯୯ ମସିହାରେ ସ୍ଥାପନ କରାଯାଇଥିବା ବେଳେ ବର୍ତମାନ ୫୭ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ ହେଉଥିବାରୁ ଓଡିଆ ପାଇକ ମାନଙ୍କର ପ୍ରତୀକକୁ ସ୍ଥାନାନ୍ତର କରାଯାଇ ଖୋର୍ଦ୍ଧା ମୌଜାସ୍ଥିତ ୧୩୧ ନମ୍ବର ପ୍ଲଟକୁ ରକ୍ଷଣାବେକ୍ଷଣ କରିବାକୁ ସ୍ଥିର କରାଯାଇଛି ।ଏଥିରେ ପଂଚ ପାଇକଙ୍କ ମୂର୍ତି ସ୍ଥାନାନ୍ତରଣ ନିମନ୍ତେ ଏକ ସବିଶେଷ ପ୍ରୋଜେକ୍ଟ ରିପୋର୍ଟ ଡିଜାଇନର ନକ୍ସା ଓ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳଙ୍କୁ ଦେଇଥିବା ଦାବୀ ପତ୍ରରେ ଉଲ୍ଲେଖ ରହିଛି । ଏ ନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ,ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ,ସମାଜସେବୀ ସଞ୍ଜୟ ପଟ୍ଟନାୟକ ଓ ନରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






## ଦଶରଥପୁର ବ୍ଲକ ସରପଂଚମାନଙ୍କ ଭୂଷଣ୍ଡପୁର ଓ ଖଇରା ଗ୍ରାମପଂଚାୟତ କ୍ଷେତ୍ର ପରିଦର୍ଶନ




ଚଣ୍ଡିଖୋଲ,(ପିଏନ):ଓଡିଶା ସରକାରଙ୍କ ପଂଚାୟତରାଜ ଓ ପାନୀୟଜଳ ବିଭାଗ ତରଫରୁ ଯାଜପୁର ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ରରେ ଚାଲିଥିବା ସରପଂଚମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ ଶିବିର ଚତୁର୍ଥ ଦିନରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ୩୫ଟି ପଂଚାୟତରୁ ସରପଂଚମାନେ ଆଜି ବଡଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ଗ୍ରାମପଂଚାୟତରେ ହୋଇଥିବା ଉନ୍ନତି ମୁଳକ କାର୍ଯ୍ୟ ବୁଲି ଦେଖିଥିଲେ। ତାଲିମଦାତା ରମେଶ ଚନ୍ଦ୍ର ସାହୁ, ହିମାଂଶୁ ଶେଖର ପାଢି, ଦଶରଥପୁର ବ୍ଲକ ପ୍ରଗତି ସହାୟକ ସୁମନ୍ତ ବେହେରାଙ୍କ ନେତୃତ୍ୱରେ ଆସିଥିବା ସରପଂଚମାନେ ପ୍ରଥମେ ପ୍ରସିଦ୍ଧ ଶୈବପିଠ ଦର୍ଶନ କଲାପରେ ଭୁ□ଷଣ୍ଡପୁର ଗ୍ରାମପଂଚାୟତକୁ କ୍ଷେତ୍ର ପରିଦର୍ଶନ ପାଇଁ ଯାଇଥିଲେ । ସରପଂଚ ଯଯାତିକେଶରୀ ରାଉତ ଓ ସମିତିସଭ୍ୟ ଜଗନ୍ନାଥ ମୁଦୁଲି କ୍ଷେତ୍ର ପରିଦର୍ଶନରେ ଆସିଥିବା ସରପଂଚମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ପଚଂାୟତ କାର୍ଯ୍ୟାଳୟରେ ସରପଂଚ ଯଯାତିକେଶରୀ ରାଉତଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବଡଚଣା ପଂଚାୟତ ସମିତି ଅଧକ୍ଷା ମିନତି ସେନାପତି, ୧୯ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ୧୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ, ଆତ୍ମାର ଅଧକ୍ଷ ନିରଜଂନ ସେନାପତି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ବିନୋଦିନୀ ସାହୁ, ଦର୍ପଣୀ ସରପଂଚ ରଜଂନ କୁମାର ଦାଶ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗ ତରଫରୁ ପ୍ରଣୟନ କରାଯାଇଥିବା ବିଭିନ୍ନ ଉନ୍ନତି ମୁଳକ ଯୋଜନାଗୁଡିକୁ କାର୍ଯ୍ୟକରୀ କରିବାରେ ସରପଂଚମାନଙ୍କର ଗୁରୁତ୍ୱପର୍ଣ୍ଣ ଭୂମିକା ରହିଛି । ଦୃଢ ଇଛାଶକ୍ତ, ପ୍ରତିବଧତା ଓ କର୍ତବ୍ୟନିଷ୍ଠ ଭାବରେ କାର୍ଯ୍ୟ କଲେ ପଂଚାୟତର ଉନ୍ନତି ହେବା ସହିତ ରାଜ୍ୟ ସରକାରଙ୍କର ବିଭିନ୍ନ ଜନ ଉନ୍ନୟନ କାର୍ଯ୍ୟକ୍ରମ ଜନସାଧାରଣଙ୍କ ପାଖରେ ପହଂଚି ପାରିବ । ପରେ କ୍ଷେତ୍ର ପରିଦର୍ଶନରେ ଆସିଥିବା ସରପଂଚମାନେ ଗ୍ରାମପମଚାୟତ ଦ୍ୱାରା ନିର୍ମାଣ ହୋଇଥିବା ଗ୍ରାମ ଉଦ୍ୟାନ, ଆଦର୍ଶ ଖେଳ ପଡିଆ, ନିର୍ମାଣଧିନ ପଥରକଟା ପୋଖରୀରେ ଦ୍ୱତୀୟ କୁସୁମା ପୁଷ୍କରିଣୀ ବୁଲି ଦେଖିବା ସହିତ ସରପଂଚ ଯଯାତିକେଶରୀ ରାଉତଙ୍କୁ ପ୍ରଶଂସା କରିଥିଲେ । ଦଶରଥପୁର ବ୍ଲକ ପକ୍ଷରୁ କ୍ଷେତ୍ର ପରିଦର୍ଶନରେ ଆସିଥିବା ସରପଂଚ ପ୍ରତିଭା ମଲ୍ଲିକ, ରଶ୍ମିତା ବଳ, ସଂଯୁକ୍ତା ମଲ୍ଲିକ, ସୁଚିସ୍ମିତା ଦାଶ, ପ୍ରଦୀପ ଜେନା, ବୃନ୍ଦାବନ ସାମଲ, କୁଂଜ ବିହାରୀ ଦାଶ, ନିରାକାର ସାହୁ, ସୁରେନ୍ଦ୍ର ବେହୁରିଆ ପ୍ରମୁଖ ଭୂଷଣ୍ଡପୁର ଓ ଖଇରା ଗ୍ରାମପଂଚାୟତରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସମସ୍ତ ଯୋଜନାକୁ ଏଠାରେ ସୁନ୍ଦର ଭାବେ ପରିକଳ୍ପନା କରାଯାଇଥିବା କାର୍ଯ୍ୟଧାରାକୁ ସରପଂଚମାନେ ପ୍ରଶଂସା କରିଥିଲେ । ଯୁବନେତା ଜୟନ୍ତ ରାଉତ, ଗ୍ରାମପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱତା ମହାରଣା, ଏମ୍‌ବିକେ ମଧୁସ୍ମିତା ସେନାପତି, ବ୍ଲକ ଯୋଜନା ସଂଯୋଜକ ଲଗ୍ନଜିତ ମାହାଲା, ଅନ୍ନପୂର୍ଣ୍ଣା ନାୟକ ପ୍ରମୁଖ ଯୋଗଦେଇ ଆଗନ୍ତୁକ ସରପଂଚମାନଙ୍କୁ ସହଯୋଗ କରିଥିଲେ । ପରେ ସରପଂଚମାନେ ବଡଚଣା ବ୍ଲକ ଅନ୍ତର୍ଗତ ଖଇରା ପଂଚାୟତକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ । ପଂଚାୟତ କାର୍ଯ୍ୟାଳୟ ପରିସରରେ ଯାଜପୁର ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ସରପଂଚ ସଂଯୁକ୍ତା ମଲ୍ଲିକ, ସମିତିସଭ୍ୟା ରଶ୍ମିତା ମଲ୍ଲିକ, ପୂର୍ବତନ ସରପଂଚ ହରପ୍ରିୟା ବରାଳ, ବିନୟ ପୃଷ୍ଟି, ନାଏବ ସରପଂଚ ସୁମା ଦାଶ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ଆକର୍ଷଣୀୟ ପଂଚାୟତ କାର୍ଯ୍ୟାଳୟ, ପାଠାଗାର, ମିଶନଶକ୍ତି ଗୃହ, ଆଗନ୍ତୁକ ବିଶ୍ରାମ ଗୃହ, ଖେଳ ପଡିଆ, ପଂଚାୟତ ଭବନ, ଜୟରାମ ପୋଖରୀର ଖନନ କାର୍ଯ୍ୟର ବୁଲି ଦେଖିବା ସହ ପୂର୍ବତନ ସରପଂଚ ହରପ୍ରିୟା ବରାଳଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ । ଶେଷରେ ପୂର୍ବତନ ସରପଂଚ ହରପ୍ରିୟା ବରାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଡ଼ ଖୋର୍ଦ୍ଧା ଛକ ସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥାପିତ ଥିବା ପଂଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରଣ




ଖୋର୍ଦ୍ଧା,(ପି.ଏନ): ଓଡ଼ିଶାର ବୀରମାଟି ଖୋର୍ଦ୍ଧାରୁ ତତ୍କାଳୀନ ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତରେ ଆରମ୍ଭ ହୋଇଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହରେ ଖୋର୍ଦ୍ଧାର ବୀର ପାଇକ ଯଥା ଜୟୀ ରଜାଗୁରୁ, ବକ୍ସିଜଗବନ୍ଧୁ ବିଦ୍ୟାଧର ମହାପାତ୍ର, କୃତିବାସ ପାଟଶାଣୀ, ମାଧବଚନ୍ଦ୍ର ରାଉତରାୟ, ପିଣ୍ଡିକି ବାହୁବଳେନ୍ଦ୍ର ଆଦି ପଂଚ ପାଇକ ଲଢେଇ କରି ସହିଦ ହୋଇଥିଲେ। ସେମାନଙ୍କର ସ୍ମୃତିକୁ ଉଜ୍ଜୀବତ କରି ରଖିବା ନିମନ୍ତେ ତତ୍କାଳୀନ ଖୋର୍ଦ୍ଧାର ବିଧାୟକ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ, ଏହି ବୀର ପଂଚ ପାଇକଙ୍କ ପ୍ରତିମୂତି ସ୍ଥାନୀୟ ଗଡ଼ଖୋରଧା ଛକସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ତା.୦୬.୧୨. ୧୯୯୯ରିଖରେ ସ୍ଥାପନ କରାଇଥିଲେ। ବର୍ତମାନ ଜାତୀୟ ରାଜପଥର ସଂପ୍ରସାରଣ ଆବଶ୍ୟକ ଥିବାରୁ ଏହି ପଂଚ ପାଇକଙ୍କ ପ୍ରତିବୃତିକୁ ସ୍ଥାନାନ୍ତରଣ କରାଯିବା ପାଇଁ ଆବଶ୍ୟକ। ଏ ସମ୍ବନ୍ଧରେ ଖୋରଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଖୋରଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଡ଼. ଦିଲ୍ଲୀପ ଶ୍ରୀଚନ୍ଦନ, ତହସିଲଦାର ସମାଜ ସେବୀ ସଂଜୟ ପଟ୍ଟନାୟକ ୪ ନମ୍ବର ଓ ୬ନମ୍ବର ୱାଡ଼ର କାଉନସିଲର ନରେନ୍ଦ୍ର କୁମାର ପୃଷ୍ଟି ଓ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପଂଚ ପାଇକ ପ୍ରତିମୂର୍ତି ଜାତୀୟ ରାଜପଥ ପାର୍ଶ୍ୱ ଖୋରଧା ମୌଜ ସ୍ଥିତ ପ୍ଲଟ ନଂ.୧୩୧କୁ ସ୍ଥାନାନ୍ତରଣ କରାଯିବା ନିମନ୍ତେ ସ୍ଥିର କରକାଯାଇଥିଲା ଏବଂ ଏହି କାର୍ଯ୍ୟ ନିମନ୍ତେ ଜିଲ୍ଲାପାଳ ସମାଜ ସେବୀ ସଂଜୟ ପଟ୍ଟନାୟକଙ୍କୁ ଏକ ସବିଶେଷ ପ୍ରୋଜେକ୍ଟ ରିପୋର୍ଟ ଏବଂ ଏହାର ଡ଼ିଜାଇନ୍ ନକ୍ସା ପ୍ରଦାନ ନିମନ୍ତେ ଦାୟିତ୍ୱ ଦେଇଥିଲେ। ବର୍ତମାନ ଏହାର ସବିଶେଷ ପ୍ରୋଜେକ୍ଟ ରିପୋଟ ଅଟକଳ ମୂଲ୍ୟ ୮୦ ଲକ୍ଷ ଓ ଡ଼ିଜାଇନ ନକ୍ସା ଖୋରଧା ନାଗରିକ ମଂଚର ସମ୍ପାଦକ ତଥା ସମାଜ ସେବୀ ସଂଜୟ ପଟ୍ଟନାୟକଙ୍କ ପକ୍ଷରୁ ଖୋରଧା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।ଏହାର ଯଥା ଶୀଘ୍ର ସମ୍ପାଦନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀପଟ୍ଟନାୟକ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

## ୨୯ ଟି ଅନୁମୋଦିତ ଅଧ୍ୟାପକ ପଦବୀ ଫାଙ୍କା ପଡିଛି, ୫ ଜଣ ଅତିଥି ଅଧ୍ୟାପକରେ ଚାଲିଛି ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢା

କେନ୍ଦୁଝର,(ପି.ଏନ): ୨୦୧୬ ମସିହା ଠାରୁ ଉଚ୍ଚ ଶିକ୍ଷା ବିଭାଗ ଅଧିନରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଲଗା ହୋଇ କାର୍ଯ୍ୟ କରୁଥିଲେ ମଧ୍ଯ ଆଜି ପର୍ଯ୍ୟନ୍ତ ଯୁକ୍ତ ୩ ବିଭାଗର ଅଧ୍ୟାପକ ମାନେ ଯୁକ୍ତ ଦୁଇ ବିଭାଗରେ ପାଠ ପଢାଇ ଆସୁଥିଲେ। ଯୁକ୍ତ ଦୁଇ ଶ୍ରେଣୀ ଗୁଡିକ ଗଣ ଶିକ୍ଷା ବିଭାଗ ଅଧିନରେ ଆସୁ ଥିବାରୁ ଏଗୁଡିକୁ ସଂପୂର୍ଣ୍ଣ ଅଲଗା କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଯୁକ୍ତ ୩ ବିଭାଗର ଅଧ୍ୟାପକମାନେ ଯୁକ୍ତ ଦୁଇ ବିଭାଗରେ ପାଠ ନ ପଢାଇ ଯୁକ୍ତ ୩ ବିଭାଗରେ ସମୂହ ବଦଳି ପାଇଁ ଉଚ୍ଚ ଶିକ୍ଷା ବିଭାଗ ଚିଠି ନଂ ୮୪୧୪ ତା ୨୫/୦୨/୨୦୨୨ରିଖରେ ଏକ ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ଏହି ଆଦେଶ ଫଳରେ ସମସ୍ତ ଯୁକ୍ତ ୩ ବିଭାଗର ଅଧ୍ୟାପକ ଏହା ପରେ ଯୁକ୍ତ ଦୁଇ ବିଭାଗରୁ ବଦଳି ହୋଇ ଯାଇଛନ୍ତି। ଫଳରେ ଯୁକ୍ତ ଦୁଇ ବିଭାଗରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ଅଚଳାବସ୍ଥା ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦେଖାଦେଇଛି। ଏଠାରେ ଯୁକ୍ତ ଦୁଇ ବିଭାଗ ପାଇଁ କୌଣସି ଶିକ୍ଷକ ନଥିବାବେଳେ ମାତ୍ର ୫ଜଣ ଅତିଥି ଅଧ୍ୟାପକରେ ପାଠ ପଢା ଚାଲିଛି। କେନ୍ଦୁଝର ଜିଲ୍ଲାର ଗର୍ବ ଓ ଗୌରବ କୁହାଯାଉଥିବା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକ ମରୁଡି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି। ନିୟମିତ ଅଧ୍ୟାପକଙ୍କ ଅଭାବ ସାଙ୍ଗକୁ ଅତିଥି ଅଧ୍ୟାପକମାନଙ୍କ ଦ୍ୱାରା ଶିକ୍ଷାଦାନ ହେଉଥିବା କଥା ଜଣାପଡିଛି। ଛାତ୍ରଛାତ୍ରୀମାନେ ନିୟମିତ ଅଧ୍ୟାପକ ଅଭାବରୁ ଗୁଣାତ୍ମକ ଶିକ୍ଷା ପାଉନଥିବା ଜଣାପଡିଛି। ବର୍ଷ ବର୍ଷ ଧରି ଏହି ମହାବିଦ୍ୟାଳୟରେ ଅଧ୍ୟାପକ ସଂକଟ ଲାଗି ରହୁଥିଲେ ମଧ୍ୟ ରାଜ୍ୟ ସରକାର ବିହୀତ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅଧ୍ୟାପକ ସାଙ୍ଗକୁ ଅନ୍ୟାନ୍ୟ ପଦବୀରେ ଥିବା କର୍ମଚାରୀଙ୍କ ଅଭାବ ଯୋଗୁଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଘୋର ବାଧାପ୍ରାପ୍ତ ହେଉଛି। ଧରଣୀଧର ଜୁନିୟର କଲେଜରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ପୂର୍ବର ୨୯ଟି ଅନୁମୋଦିତ ପଦବୀ ମଧ୍ୟରୁ ୨୨ଜଣ କାର୍ଯ୍ୟ କରୁଥିବାବେଳେ ସରକାରଙ୍କ ନିଷ୍ପତ୍ତି ପରେ ସମୂହ ବଦଳି ହୋଇ ୨୨ଜଣ ଅଧ୍ୟାପକ ଯୁକ୍ତ ୩ ବିଭାଗକୁ ଫେରି ଆସିଛନ୍ତି। ଫଳରେ ଯୁକ୍ତ ଦୁଇ ବିଭାଗରେ ୯ଟି ଯାକ ଅନୁମୋଦିତ ପଦବୀ ଖାଲି ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଯୁକ୍ତ ୨ ବିଭାଗରେ ନୃତତ୍ୱ ବା ଆନ୍ଥ୍ରୋପୋଲୋଜି ଜଣେ ଅତିଥି ଅଧ୍ୟାପକ, ବଟାନୀ ବା ପ୍ରାଣୀ ବିଜ୍ଞାନ ବିଷୟରେ ଜଣେ ଅତିଥି ଅଧ୍ୟାପକ,ଦର୍ଶନଶାସ୍ତ୍ର ବା ଫିଲୋସୋପିରେ ଜଣେ ଅତିଥି ଅଧ୍ୟାପକ,ରାଜନୀତି ବିଜ୍ଞାନ ବା ପଲିଟିକାଲ ସାଇନ୍ସରେ ଜଣେ ଓ ଇତିହାସରେ ବିଭାଗରେ ଜଣେ ଅତିଥି ଅଧ୍ୟାପକରେ ପାଠପଢା ଚାଲିଛି।

## ଦୁର୍ଗମପଥର ପାନ୍ଥ : ବିଶ୍ୱନାଥ ସାମନ୍ତ ସ୍ମରଣିକା ଉନ୍ମୋଚିତ



ଖୋର୍ଦ୍ଧା,(ପି.ଏନ): ଐତିହ୍ୟ ମାଟିର ଅନ୍ୟତମ ପୁରଧା ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ସାମ୍ବାଦିକ ତଥା ବିଶିଷ୍ଟ ଆଇନଜୀବି ସ୍ୱର୍ଗତ ବିଶ୍ୱନାଥ ସାମନ୍ତଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ବୁଧବାର ସ୍ଥାନୀୟ ଶାନ୍ତି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ٧ସାମନ୍ତ ଜଣେ ମିଷ୍ଟ ଭାଷୀ, ପରୋପକାରୀ, ୧୯୨୪ ମସିହା ଅଗଷ୍ଟ ୧୮ତାରିଖରେ ପିତା ବିଚିତ୍ରା ନନ୍ଦ ଓ ମାତା ବିମଳା ଦେବୀଙ୍କ ଔରସରୁ ଜନ୍ମ ଲାଭ କରିଥିବା ଶ୍ରୀଯୁକ୍ତ ସାମନ୍ତ ପିଲାଟି ଦିନରୁ ଦେଶ ପ୍ରେମରେ ବାନ୍ଧି ହୋଇ ସମାଜ ସେବାକୁ ଆପଣାଇ ପାରିଥିଲେ। ଜଣେ ପାଇକ ଗୁରୁ ହୋଇ ନଥିଲେ ମଧ୍ୟ ଆଣ୍ଠୁ ଉପରକୁ ଖଦଡ଼ର ଧୋତି ଓ ଏକ ଖଦଡ଼ର ପାଇଜାମା ପିନ୍ଧି ଡ୍ରମ ବାଜା ବଜାଇ ଖଣ୍ଡା ବୁଲାଇ, ପାଇକ ଲାଠି ବୁଲାଇ ଛୋଟ ଛୋଟ ପିଲାମାନଙ୍କୁ ଏକତ୍ରିତ କରି ସମର କଳା ଶିକ୍ଷାଇବା ତାଙ୍କର ଥିଲା ଏକ ପ୍ରକାର ନିଶା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଂଚ ଉପରକୁ ଉଠି ଯାଇ ଖୋର୍ଦ୍ଧା ପାଇକ ମାଟିର ସ୍ୱର୍ଣ୍ଣୀମ ଇତିହାସକୁ ବଖାଣି ଉଦାର ଭାଷଣମାନ ଦେଉଥିଲେ। ତାଙ୍କର ଭାଷଣରେ ପ୍ରକମ୍ପିତ ହେଉଥିଲା ଗଗନ ଓ ପବନ। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ ମାଆ ମାଟି ଓ ଦେଶକୁ ଭଲ ପାଉଥିବା ଖୋରଧାର ମଣିଷ ପରି ମଣିଷ ଟିଏ ଥିଲେ ବୋଲି ବୁଧବାର ଅନୁଷ୍ଠିତ ସ୍ୱର୍ଗତ ସାମନ୍ତଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ମଂଚାସିନ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ୧୯୪୬ ମସିହା ସ୍ୱାଧୀନତା ପୂର୍ବରୁ ସାମ୍ବାଦିକ କରିଥିବା ବିଶ୍ୱାନାଥ ସାମନ୍ତ ସାପ୍ତାହିକ ଓଡ଼ିଆ ଖବର କାଗଜ ଜନତାରୁ ନିଜର ସାମ୍ବାଦିକତା ଆରମ୍ଭ କରି ଇଂରାଜୀ ଖବର କାଗଜ ଟାଇମ୍‌ସ ଅଫ ଇଣ୍ଡିଆ ରେ ସାମ୍ବାଦିକ କରି ଶେଷରେ ନିଜେ ଦୁଇଗୋଟି ଖବର କାଗଜ ବନ୍ଦେ ମାତରମ ଓ ଆଚ୍ଛା ପ୍ରକାଶିତ କରି ବେଶ ପ୍ରଂଶସାର ପାତ୍ର ହୋଇପାରିଥିଲେ। ପ୍ରତ୍ୟେକ ମୁହୁର୍ତରେ ଅସହାୟ ବ୍ୟକ୍ତିଙ୍କୁ ସହାୟତାର ହାତ ବଢାଉଥିବା ବ୍ୟକ୍ତିତ୍ୱ ଥିଲେ ସ୍ୱର୍ଗତ ବିଶ୍ୱନାଥ ସାମନ୍ତ। ଜଣେ ବ୍ୟକ୍ତି ଅସୁବିଧାରେ ପଡ଼ିଥିବା ଖବର ପହଁଚିବା ମାତ୍ରେ ସାଇକେଲ ଧରି ବାହାରି ପଡୁଥିଲେ ସେହି ବ୍ୟକ୍ତିର ଦୁଆରକୁ। ବ୍ୟକ୍ତିଜଣଙ୍କୁ ସହଯୋଗର ହାତ ବଢାଇ ଯଥା ସମ୍ଭବ ତାର ସମାଧାନ କରୁଥିଲେ। ଖୋରଧାର ଉନ୍ନତି ଓ ବିଭିନ୍ନ ସମସ୍ୟା ଉପରେ ଅହରହ ଚିନ୍ତା କରୁଥିବା ସ୍ୱର୍ଗତ ସାମନ୍ତ ସମୟ ସମୟରେ ଜିଲ୍ଲା ପ୍ରଶାସନ, ମନ୍ତ୍ରୀ, ତନ୍ତ୍ରୀ, ଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପ୍ରକାରର ଦାବୀ ପତ୍ର ଦେଇ ସାଧାରଣରେ ବେଶ ପ୍ରିୟ ପାତ୍ର ହୋଇ ପାରୁଥିଲେ। ଆଇନଜୀବି କ୍ଷେତ୍ରରେ ମଧ ପାରଦର୍ଶିତା ସମସ୍ତ ଜନମାନସରେ ଆଦୃତ ହୋଇ ରହିବ। ଖୋରଧା ଇତିହାସର ପିଣ୍ଡୁଳି କେବଳ ସ୍ୱର୍ଗତ ସାମନ୍ତ ହିଁ ଜାଣିଥିଲେ ବୋଲି ମଂଚାସିନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ସାମନ୍ତ ଜଣେ ସ୍ପଷ୍ଟବାଦୀତା, ନିର୍ଭିକତା ଓ ଖୋରଧାର ସାମଗ୍ରିକ ଉନ୍ନତି ଥିଲା ତାଙ୍କର ମୂଳ ଲକ୍ଷ୍ୟ ସେଥି ପାଇଁ ବିଶ୍ୱନାଥ ସାମନ୍ତଙ୍କୁ ବିଶ୍ୱାସର ନାଥ ପରିଚୟରେ ପ୍ରତିଷ୍ଠିତ କରିପାରିଥିଲା। ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଡ଼ାକ୍ତର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ସଂଯୋଜନାରେ ଉତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋରଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବିଶିଷ୍ଟ ସ୍ତମ୍ଭକାର ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ବକ୍ତା ଭାବେ ଡ଼. ନାରାୟଣ ରାଓ ପ୍ରମୁଖ ସ୍ୱର୍ଗତ ସାମନ୍ତଙ୍କ ସ୍ମୃତି ଚାରଣ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ବିଜୁ ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ସମାଜ ସେବୀ ସଂଜୟ ପଟ୍ଟନାୟକ, ଲେଖକ କୃପାସିନ୍ଧୁ ବିଶ୍ୱାଳ, ଆଇନଜୀବି ଶିଶିର ପରିଡ଼ା, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିଆରସିଂହ ସମେତ ଶତାଧିକ ଆଇନଜୀବୀ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ୱର୍ଗତ ସାମନ୍ତଙ୍କ ବଡ଼ପୁଅ ଅଟଳ ସାମନ୍ତ, ଅରବିନ୍ଦ ସାମନ୍ତ, ଅଜୟ ସାମନ୍ତ ଓ ନାତି ସୋମନାଥ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଲିଖିତ ସ୍ମରଣୀକା ବିଶ୍ୱନାଥ ଦୁର୍ଗମ ପଥର ପାନ୍ଥ ବିଶ୍ୱନାଥ ସ୍ମରଣୀକା ଉନ୍ମୋଚିତ ହୋଇଥିଲା।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray